## ସଂକ୍ଷେପରେ

### ୫ ଲକ୍ଷ ଟଙ୍କାର ସୁନା ଲୁଟ୍

ପାରାଦୀପ,୨୮।୧୨(ସ୍ୱ.ପ୍ର.): ପାରାଦୀପ ଲକ୍ ଥାନା ଅନ୍ତର୍ଗତ ଗଡ଼ ବଜାରରେ ଥିବା ଏକ ଗହଣା ଦୋକାନରୁ ଶୁକ୍ରବାର ୫ ଲକ୍ଷ ଟଙ୍କାର ଗହଣା ଚୋରି ହୋଇଥିବା ଅଭିଯୋଗ ହୋଇଛି। ପୋଲିସ ଅଭିଯୋଗ ପାଇବା ପର ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଅରମ୍ଭ କରିଛି। ହେଲେ ଲୁଟେରାଙ୍କ ସମ୍ପର୍କରେ କୌଣସି ସୂଚନା ପାଇ ପାରିନାହିଁ। ଦୋକାନ ମାଲିକ ରାମ ସାହୁ ସକାଳେ ଦୋକାନ ଖୋଲି ଘରୁ ଆଣିଥିବା ଗହଣା ବ୍ୟାଗ ରଖି ଧୂପ ଦେଉଥିବାବେଳେ ଲୁଟେରା ବ୍ୟାଗ ନେଇ ପଳାଇଥିଲେ।

### ଛାତ୍ରୀଙ୍କୁ ଅସଦାଚରଣ, ପିଅନ ଅଟକ

ପାରାଦୀପ,୨୮।୧୨(ସ୍ୱ.ପ୍ର.): ପାରାଦୀପ ଲକ୍ ଥାନା ଅଧୀନ ଏକ କନ୍ୟାଶ୍ରମର ଜଣେ ୫ମ ଶ୍ରେଣୀ ଛାତ୍ରୀଙ୍କୁ ଶୁକ୍ରବାର ଶିକ୍ଷାନୁଷ୍ଠାନର ପିଅନ ଅସଦାଚରଣ କରିଥିବା ଅଭିଯୋଗ ହୋଇଛି। ଏନେଇ ଶିକ୍ଷାନୁଷ୍ଠାନ ପକ୍ଷରୁ ଥାନାରେ ଅଭିଯୋଗ ହେବା ପରେ ପୋଲିସ ଅଭିଯୁକ୍ତ ପିଅନ ବସନ୍ତ ସେଠୀଙ୍କୁ ଅଟକ ରଖିଛି। ସ୍କୁଲ କକ୍ଷ ସଫା କରିବାକୁ ଡାକିନେଇ ସେଠୀ ତାଙ୍କୁ ଅସଦାଚରଣ କରିଥିବା ଛାତ୍ରୀ ଜଣଙ୍କ ପୋଲିସ ନିକଟରେ କହିଛନ୍ତି।

### ଜାତୀୟ ସେବା ଯୋଜନାରେ ପାଟେଣୀଗାଁ ପୋଷ୍ୟଗ୍ରାମ

ରଘୁନାଥପୁର, ୨୮ ।୧୨( ଡି.ଏନ.ଏ.): ରଘୁନାଥପୁର ବ୍ଲକ କୃର୍ତ୍ତାଙ୍ଗସ୍ଥିତ ସ୍ୱାମୀ ଅରୂପାନନ୍ଦ ଯୁନିୟର କଲେଜ ପକ୍ଷରୁ ସ୍ଥାନୀୟ ଗୁଆଳିପୁର ପଞ୍ଚାୟତ ପାଟେଣୀଗାଁକୁ ପୋଷ୍ୟଗ୍ରାମ ରୂପେ ନିଆଯାଇ ୨୫ ଜଣ ଶିବିରାର୍ଥୀଙ୍କୁ ସେବା କାର୍ଯ୍ୟରେ ନିୟୋଜିତ କରାଯାଇଛି। ପ୍ରୋଗ୍ରାମ ଅଫିସର ଶେଖ ଅସଲମ ଅଲ୍ଲିଙ୍କ ପରିଚାଳନାରେ ଶିବିରାର୍ଥୀମାନେ ଗ୍ରାମର ପରିବେଶକୁ ପରିଷ୍କାର ପରିଚ୍ଛନ୍ନ କରିବା ସହ ଖୋଲା ସ୍ଥାନରେ ମଳତ୍ୟାଗ ନ କରି ପାଇଖାନା ବ୍ୟବହାର କରିବାକୁ ଘରକୁ ଘର ବୁଲି ପରାମର୍ଶ ଦେଇଥିଲେ। ଏହାଛଡା ପଲିଥିନ ବ୍ୟବହାରକୁ ନିଷେଧ, ଶିକ୍ଷା, ସ୍ୱାସ୍ଥ୍ୟ ସର୍ବ ପରେ ଦୈନନ୍ଦିନ ଜୀବନରେ ଯୋଗକୁ ଆପଣେଇବାକୁ ଶିବିରାର୍ଥୀମାନେ ସଚେତନତା ସୃଷ୍ଟି କରିଥିଲେ। ଏକ ସଭାରେ ଅଧକ୍ଷ ସୁକାନ୍ତ କୁମାର ମହାନ୍ତି, ଅଧାପକ ରମେଶ ଚନ୍ଦ୍ର ସାହୁ, ସୁମନ୍ତ ଚନ୍ଦ୍ର ଦାସ, ଅଭୟ କୁମାର ମହାରଣା, କୁମୁଦିନୀ ଦ୍ୱିବେଦୀ ଓ ଶରତ ଚନ୍ଦ୍ର ମହାନ୍ତି ଏହି ଯୋଜନାର ଉଦ୍ଦେଶ୍ୟ ଓ ସମାଜରେ ଏହାର ପ୍ରଭାବ ସମ୍ପର୍କରେ ମତ ରଖିଥିଲେ। ଶିବିର ୭ ଦିନ ଧରି ଅନୁଷ୍ଠିତ ହେବ। ଶେଷରେ ମିଟୁ ରାଉତ ଧନ୍ୟବାଦ ଦେଇଥିଲେ।

### ୧୯୯୩ ବ୍ୟାଚ୍ ବନ୍ଧୁମିଳନ



କୁଜଙ୍ଗ,୨୮।୧୨(ସ୍ୱ.ପ୍ର.): କୁଜଙ୍ଗ ବ୍ଲକ୍ ତେନ୍ତୁଳିଆ ଖମାରସ୍ଥିତ ଜିଲାନାସୀ ପଞ୍ଚାୟତ ହାଇସ୍କୁଲରେ ୧୯୯୩ ବ୍ୟାଚ୍‌ର ଏକ ବନ୍ଧୁ ମିଳନ ଅନୁଷ୍ଠିତ ହୋଇଛି। ପ୍ରଧାନ ଶିକ୍ଷକ ଧ୍ରୁବ ଚରଣ ସ୍ୱାଇଁ ଏଥିରେ ପୌରୋହିତ୍ୟ କରି ବିଦ୍ୟାଳୟକୁ ସରସ ସୁନ୍ଦର କରି ଗଢି ତୋଳିବାକୁ ପରାମର୍ଶ ଦେଇଥିଲେ। ଶିକ୍ଷକ ରମାକାନ୍ତ ଦାସ, ଧିରେନ୍ଦ୍ର ମଲିକ୍, ପ୍ରମୋଦ କୁମାର ନନ୍ଦ, ଶରତ ଚନ୍ଦ୍ର ମହାପାତ୍ର, ପ୍ରଶାନ୍ତ କୁମାର ପଣ୍ଡା, ଦୀପକ କୁମାର ସାମନ୍ତରାୟ, କର୍ମଚାରୀ କୈଳାସ ବାରିକ, ସୁବାସ ପ୍ରଧାନ, ଲଙ୍ଗୁଳୀ ସେଠୀ ପ୍ରମୁଖ ଯୋଗ ଦେଇଥିଲେ। ଗଗନ କୁମାର ଦାସ, ନିର୍ମଳ ଦାସ, ରଞ୍ଜନ କୁମାର ଦାସ, ରୀନାବତୀ ପ୍ରଧାନ, ମୀନାକ୍ଷୀ ପରିଡା, ସଞ୍ଜୟ କୁମାର ବାରିକ ପ୍ରମୁଖ ପରିଚାଳନା କରିଥିଲେ।

### ବାଳିକା ଆତ୍ମରକ୍ଷା କୌଶଳ ପ୍ରଶିକ୍ଷଣ

ପାରାଦୀପ,୨୮।୧୨(ଡି.ଏନ.ଏ.): ପାରାଦୀପ କଲେଜରେ ଯୁକ୍ତ ୨ ଛାତ୍ରୀଙ୍କ ଆତ୍ମରକ୍ଷା କୌଶଳ ଶିବିର ଗୁରୁବାର ଉଦ୍‌ଯାପିତ ହୋଇଛି। ଏଥିରେ ୨୦ରୁ ଅଧିକ ଛାତ୍ରୀ ଭାଗ ନେଇଥିଲେ। ଉଦ୍‌ଯାପନୀ ସଭାରେ କଲେଜ ଅଧକ୍ଷା ସୁପ୍ରିୟା କାନୁନ୍‌ଗୋଙ୍କ ଅଧକ୍ଷତାରେ ଆୟୋଜିତ ସଭାରେ ପୁଷ୍ପମିତ୍ରା ମହାନ୍ତି, ଜ୍ୟୋତ୍ସ୍ନା ଦାସ ପ୍ରମୁଖ ଉପସ୍ଥିତ ଥିଲେ। ସମ୍ପ୍ରତି ଛାତ୍ରୀଙ୍କ ପାଇଁ ଆତ୍ମସୁରକ୍ଷା ଅବଶ୍ୟମ୍ଭାବୀ ହୋଇପଡିଛି। ଏଥିସହ ମାନସିକ ବୌଦ୍ଧିକ ବିକାଶ କ୍ଷେତ୍ରରେ ଏହା ସହାୟକ ହେବ ବୋଲି ବକ୍ତାମାନେ କହିଥିଲେ। ଶେଷରେ ଛାତ୍ରୀଙ୍କୁ ସାର୍ଟିଫିକେଟ୍ ପ୍ରଦାନ କରାଯାଇଥିଲା।

# ମଣ୍ଡି ଖୋଲିବାରେ ବିଳମ୍ବ

- ବର୍ଷା ଦେଖି ଚିନ୍ତାରେ ଚାଷୀ
- ଧାନ ସାଇତିବାକୁ ଜାଗା ନାହିଁ
- ଅଭାବୀ ବିକ୍ରିର ସମ୍ମୁଖୀନ ହେଉଛନ୍ତି ଚାଷୀ

ନାଉଗାଁ,୨୮।୧୨(ସ୍ୱ.ପ୍ର.)



ଖଳାରେ ଗଦାହୋଇଥିବା ଧାନ।

ମୁଣ୍ଡ ଉପରେ ବର୍ଷା ଡାଙ୍କି ବୁଲୁଛି। ଜମିରେ ପାଚିଲା ଧାନ। ଯାହା କିଛି ଧାନ ଅମଳ ହୋଇଛି, ସେ ସବୁ ସାଇତି ରଖିବା ମଧ୍ୟ ସହଜ ହେଉନାହିଁ। ସେପଟେ ମଣ୍ଡିରେ ଧାନ ବିକିବାକୁ ନାମ ପଞ୍ଜୀକରଣ କରି ବସିଛନ୍ତି ଚାଷୀ। କିନ୍ତୁ ମଣ୍ଡିର ଦେଖାନାହିଁ। ତେଣୁ ଧାନ ନଷ୍ଟ କରିବା ଅପେକ୍ଷା ବାହାର ବ୍ୟବସାୟୀଙ୍କୁ କମ୍ ଦରରେ ବିକ୍ରି କରିଦେବାକୁ ଉଚିତ୍ ମଣୁଛନ୍ତି ଚାଷୀ। ଜଗତ୍‌ସିଂହପୁର ଜିଲା ନାଉଗାଁ ବ୍ଲକରେ ଚଳିତବର୍ଷ ଧାନର ଏଭଳି ଅଭାବୀ ବିକ୍ରିର ସମ୍ମୁଖୀନ ହେଉଛନ୍ତି ଚାଷୀ।

କିଛିଦିନ ତଳେ ଲଘୁଚାପ ବର୍ଷା ହେବାର ସୂଚନା ମିଳିବାରୁ ଅଧିକାଂଶ ଚାଷୀ ତରବରିଆ ଭାବେ ମେଶିନ ଯୋଗେ ଧାନ ଅମଳ କରି ଖଳାରେ ଗଦେଇ ରଖିଛନ୍ତି। ଏବେ ପୁଣି ବର୍ଷା ଆଶଙ୍କା ଦେଖାଦେଲାଣି। ତେଣୁ ଚାଷୀମାନେ ଚିନ୍ତାରେ ପଡିଛନ୍ତି। ଏହି ବ୍ଲକର ତିରୁଣା, ଡେରିକି, ଗଜରାଜପୁର, ଶିଖର, ଅଲଣା, ନାଉଗାଁ ସମବାୟ ସମିତି ମାଧ୍ୟମରେ ମଣ୍ଡି ଖୋଲାଯାଇ ଧାନ କିଣିବାକୁ ସ୍ଥିର ହୋଇଥିଲା। କିନ୍ତୁ ଜାନୁୟାରୀ ମାସ ଆରମ୍ଭ ହେବାକୁ ବସିଥିବାବେଳେ ମଣ୍ଡି ଖୋଲିବାର କୌଣସି ଆଭାସ ମିଳୁନାହିଁ। ବ୍ଲକର ଶତକଡ଼ା ୭୫ ଭାଗ ଲୋକ ଚାଷ ଉପରେ ନିର୍ଭର କରି ଚଳନ୍ତି। କେବଳ ଖରିଫ ଋତୁରେ ହିଁ ଏଠାରେ ଧାନ ଚାଷ କରାଯାଏ। ଜଳସେଚନ ଓ ଅନ୍ୟାନ୍ୟ ଅସୁବିଧାକୁ ଦେଖିଲେ ଚାଷୀ ବହୁ କଷ୍ଟ ସହି ଏଠାରେ ଫସଲ ଅମଳ କରୁଛନ୍ତି। ଧାନ ବିକ୍ରି କଲେ ଚାଷୀ ରବିଋତୁ ପାଇଁ ଡାଲି ଜାତୀୟ ଫସଲ କରିଥାନ୍ତି। ଏଥିସହ ଧାରକରଜ ସୁଝି ପରିବାର ଗୁଜୁରାଣ ମେଣ୍ଟାଇଥାନ୍ତି। ମାତ୍ର ମଣ୍ଡି ଖୋଲିବାରେ ବିଳମ୍ବ ହେଉଥିବାରୁ ଚାଷୀ ଚିନ୍ତାରେ ପଡିଲେଣି, ଯାହାର ଫାଇଦା ନେଉଛନ୍ତି ବାହାର ବେପାରୀ। ସେପଟେ ଧାନ ସାଇତି ରଖିବାକୁ ଗୋଦାମ ଗୃହ ନ ଥିବାରୁ ଚାଷୀ ହଇରାଣ ହେଉଛନ୍ତି। ସେହିପରି ମଣ୍ଡି ଖୋଲିଲେ ମଧ୍ୟ ଚାଷୀ ଠିକ୍ ଭାବେ ଧାନ ବିକ୍ରି କରିପାରିବେ କି ନାହିଁ ତାହାକୁ ନେଇ ସନ୍ଦେହ ରହିଛି। କାରଣ ବିଗତ ବର୍ଷଗୁଡିକରେ ମଣ୍ଡିରେ ଚାଷୀ ବହୁ ଅସୁବିଧାର ସମ୍ମୁଖୀନ ହୋଇଛନ୍ତି। ମିଲର ନ ଆସିବାରୁ ଚାଷୀଙ୍କୁ ରାତି ଉଜାଗର ହୋଇ ଧାନ ଜଗି ରହିବାକୁ ପଡିଛି। ସେହିପରି କୁଇଣ୍ଟାଲ ପିଛା ୪ରୁ ୫ କିଲୋ ଧାନ କାଟି ଦିଆଯାଇଛି। କେତେକ ଚାଷୀ ଧାନ ବିକ୍ରି ପରେ ଟଙ୍କା ପାଇବାରେ ବିଳମ୍ବ ହୋଇଥିଲା। ତେଣୁ ଆଉ ମଣ୍ଡିକୁ ଅପେକ୍ଷା ନ କରି ବାହାର ବ୍ୟବସାୟୀଙ୍କୁ ଧାନ ବିକ୍ରି କରିଦେବାକୁ ସେମାନେ ଉଚିତ ମଣୁଛନ୍ତି। ଏ ସମ୍ପର୍କରେ ବ୍ଲକ ଯୋଗାଣ ଅଧିକାରୀ ତୁଳସୀ ଦାସ ମୁଖାର୍ଜୀଙ୍କୁ ପଚାରିବାରୁ ଚଳିତ ସପ୍ତାହରେ ମଣ୍ଡି ଖୋଲାଯିବ ବୋଲି କହିଛନ୍ତି।

■ ସୁକିନ୍ଦା କପ୍ ବ୍ୟାଡ୍‌ମିଣ୍ଟନ ଟୁର୍ନାମେଣ୍ଟ ଉଦ୍‌ଯାପିତ

## ହିମାଂଶୁ, ସେଖ ୟାସିନ୍ ଯୋଡ଼ି ଚାମ୍ପିୟନ



ଅତିଥିଙ୍କ ଗହଣରେ ଚାମ୍ପିୟନ ଟିମ୍।

ସୁକିନ୍ଦା, ୨୮।୧୨(ଡି.ଏନ୍.ଏ.)

ସୁକିନ୍ଦା ମିନା ବଜାର ପଡ଼ିଆରେ ଆୟୋଜିତ ପ୍ରଥମ ବାର୍ଷିକ ସୁକିନ୍ଦା କପ୍ ବ୍ୟାଡ୍‌ମିଣ୍ଟନ ଟୁର୍ନାମେଣ୍ଟ ଗୁରୁବାର ଉଦ୍‌ଯାପିତ ହୋଇଯାଇଛି। ଏହି ଅସରରେ ଅନୁଷ୍ଠିତ ଫାଇନାଲ ମ୍ୟାଚ୍‌ରେ ସୁକିନ୍ଦାର ହିମାଂଶୁ ପାତ୍ର ଓ ସେଖ ୟାସିନ୍‌ଙ୍କ ଯୋଡି ଜୀବନାନନ୍ଦ ବେହୁରା ଓ ଅବଦୁଲ ମଜିଦ ଖାନଙ୍କ ଯୋଡିକୁ (୨-୧)ସେଟ୍‌ରେ ପରାସ୍ତ କରି ଚଳିତ ବର୍ଷର ଚାମ୍ପିୟାନ ହୋଇଛି। ସୁକିନ୍ଦାର ପ୍ରେଣ୍ଡ୍ସ କ୍ଲବ ଆନୁକୂଲ୍ୟରେ ପ୍ରଥମ ସେମିଫାଇନାଲ ମ୍ୟାଚ୍‌ରେ ହିମାଂଶୁ ପାତ୍ର ଓ ସେଖ ୟାସିନ୍ ଯୋଡି (୨-୦) ସେଟ୍‌ରେ ଅରବିନ୍ଦ ମହାପାତ୍ର ଓ ପାର୍ଟନର ବିଭୁଦତ୍ତ ଦାଶଙ୍କୁ ପରାସ୍ତ କରିଥିଲେ। ସେହିପରି ୨ୟ ସେମିଫାଇନାଲରେ ଜୀବନାନନ୍ଦ ବେହୁରା ଓ ଅବଦୁଲ ମଜିଦ୍ ଖାନ ଯୋଡି (୨-୦) ସେଟ୍‌ରେ ଶେଷଦେବ ରଥ ଓ ହେମନ୍ତ ସେଠୀଙ୍କୁ ପରାସ୍ତ କରି ଫାଇନାଲ ପର୍ଯ୍ୟାୟକୁ ଉନ୍ନୀତ ହୋଇଥିଲେ। ସୋମନାଥ କାନୁନଗୋ ଓ ଜୁଲଫିକର ଅଲ୍ଲୀ ସମସ୍ତ ମ୍ୟାଚ ପରିଚାଳନା କରିଥିଲେ। ଉଦ୍‌ଯାପନୀ ଉତ୍ସବରେ ରଜନୀକାନ୍ତ ଦ୍ୱିବେଦୀ ମୁଖ୍ୟ ଅତିଥିଭାବେ ଯୋଗ ଦେଇ ଚାମ୍ପିଆନ ଦଳକୁ ପୁରସ୍କାର ପ୍ରଦାନ କରିଥିଲେ। ସନ୍ତୋଷ ଦ୍ୱିବେଦୀ ଏବଂ ସାଜିଦ୍ ଖାଁ ସମ୍ମାନିୟ ଅତିଥି ଭାବେ ଯୋଗ ଦେଇଥିଲେ।

## ଆରମ୍ଭ ହେଲା ରାତ୍ରିକାଳୀନ ଆହାର



ଆହାର କେନ୍ଦ୍ରରେ ଖାଦ୍ୟ ପ୍ରଦାନ କରାଯାଉଛି।

ପାରାଦୀପ,୨୮।୧୨(ସ୍ୱ.ପ୍ର.)

ପାରାଦୀପ ପୌରପାଳିକା ପକ୍ଷରୁ ଶୁକ୍ରବାର ରାତିରେ ପରୀକ୍ଷାମୂଳକଭାବେ ରାତ୍ରିକାଳୀନ ଆହାର ସେବା ଆରମ୍ଭ ହୋଇଛି। ପ୍ରଥମ ଦିନରେ ୫୦ ମିଲ ଦିଆଯାଇଛି। ଆସନ୍ତା ୩୧ଠାରୁ ୨୫୦ ମିଲ କେବଳ ଅଠରବାଙ୍କୀ କେନ୍ଦ୍ରରେ ଦିଆଯିବ ବୋଲି ପୌରପାଳିକା ପକ୍ଷରୁ କୁହାଯାଇଛି। ପାରାଦୀପରେ ୨ଟି ଆହାର କେନ୍ଦ୍ର ରହିଛି। ପ୍ରଥମ ରାତ୍ରିକାଳୀନ ସେବାକୁ ପୌର ଉପାଧକ୍ଷା ଯୋଗଦେଇ ପରିସିଥିଲେ। ପୌରଯନ୍ତ୍ରୀ ଦୁର୍ଯ୍ୟୋଧନ ପଟେଲଙ୍କ ସମତେ ଅନ୍ୟମାନେ ସହଯୋଗ କରିଥିଲେ।

## ୨ ବୋଟ୍ ଧକ୍କା, ଗୋଟିଏ ବୁଡ଼ିଗଲା

ପାରାଦୀପ,୨୮।୧୨(ସ୍ୱ.ପ୍ର.): ପାରାଦୀପ ନିକଟରେ ଶୁକ୍ରବାର ସମୁଦ୍ରରେ ୨ଟି ମାଛଧରା ବୋଟ୍ ମଧ୍ୟରେ ଦୁର୍ଘଟଣା ଘଟିଛି। ଫଳରେ ଗୋଟିଏ ମାଛଧରା ବୋଟ୍ ପାଣିରେ ବୁଡ଼ିଯାଇଛି। ଘନ କୁହୁଡି ଯୋଗୁ ଏହି ଦୁର୍ଘଟଣା ଘଟିଥିବା କୁହାଯାଉଛି। ବୁଡ଼ିଯାଇଥିବା ଟ୍ରଲର ନାମ ସାଇନାଥ ଓ ଏହାର ପଞ୍ଜୀକରଣ ନମ୍ବର ଆଇଏନ୍‌ଡି ଓଆ।ର୦୧ଏମଏମ୍୮୫୮ ବୋଲି ଜଣାପଡିଛି। ଦୁର୍ଘଟଣା ପରେ କୋଷ୍ଟଗାର୍ଡର ପାଟ୍ରୋଲିଂ ଜାହାଜ ଅମୋଘ ମତ୍ସ୍ୟଜୀବୀଙ୍କୁ ଉଦ୍ଧାର କରିଥିଲା। ତେବେ ବୋଟ୍ ଉଦ୍ଧାର କରାଯାଇ ପାରିନାହିଁ। ସେହିପରି ଧକ୍କା ଦେଇଥିବା ଅନ୍ୟ ଟ୍ରଲରର ସୂଚନା ମିଳିନାହିଁ। ମତ୍ସ୍ୟ ବିଭାଗ ଅଧିକାରୀ ଯାଇ ଘଟଣାର ତଦନ୍ତ କରିଛନ୍ତି।

## ଆଇଓସିଏଲ୍ ଆଗରେ ଏକତା ମଞ୍ଚର ଧାରଣା




ଜମିହରା ଏକତା ମଞ୍ଚର କର୍ମକର୍ତ୍ତା ଓ ଚାଷୀମାନେ ଶୋଭାଯାତ୍ରାରେ ଯାଉଛନ୍ତି।

ପାରାଦୀପ,୨୮।୧୨(ସ୍ୱ.ପ୍ର.)

ଇଣ୍ଡିଆନ ଅଏଲ ତୈଳ ବିଶୋଧନାଗାର ପ୍ରକଳ୍ପ ଆଗରେ ଶୁକ୍ରବାର ପୁଣି ଥରେ ଜମିହରା କୃଷକ ଏକତା ମଞ୍ଚ ପକ୍ଷରୁ ଗଣଧାରଣା ଦିଆଯାଇଛି। ଏହାକୁ ମିଶାଇ ୧୦ରୁ ଅଧିକ ଥର ମଞ୍ଚ ପକ୍ଷରୁ ଧାରଣା ଦିଆଗଲାଣି। ୧୭୫୨ ଜମିହରା ପରିବାରକୁ ନିଯୁକ୍ତି ପ୍ରଦାନ ଦାବିନେଇ ଏଭଳି ଆନ୍ଦୋଳନ ଚାଲିଛି। ମଞ୍ଚର ପରାମର୍ଶଦାତା ଅଭୟ ସାହୁଙ୍କ ନେତୃତ୍ୱରେ ପ୍ରକାଶ ତ୍ରିପାଠୀ, ବିଷ୍ଣୁ ଚରଣ ମୁଦୁଲି, ନବୀନ ପ୍ରଧାନ ପ୍ରମୁଖ ବିଶୋଧନାଗାର କର୍ତ୍ତୃପକ୍ଷଙ୍କ ଟାଳଟୁଳ ନୀତିକୁ ସମାଲୋଚନା କରିଛନ୍ତି। ପ୍ରକାଶ ଯେ, ଗତ ୧/୫/୨୦୧୬ରେ ଜିଲାପାଳଙ୍କ କାର୍ଯ୍ୟାଳୟରେ ଜମିହରାଙ୍କୁ ନିଯୁକ୍ତି ନେଇ ମଞ୍ଚ ପକ୍ଷରୁ ଆଲୋଚନା କରାଯାଇଥିଲା। ଏଥିରେ ୧୦୦ ପିଲାଙ୍କୁ ନିଯୁକ୍ତି ଦେବାକୁ କମ୍ପାନୀ କର୍ତ୍ତୃପକ୍ଷ କହିଥିଲେ। ସେହିପରି କୁଜଙ୍ଗ ତହସିଲ୍ ପ୍ରକୋଷ୍ଠରେ ତ୍ରିପାକ୍ଷିକ ଆଲୋଚନା କରି ବର୍ଷକ ମଧ୍ୟରେ ୧୭୫୨ ପରିବାରକୁ ନିଯୁକ୍ତି, ୯/୫/୨୦୧୮ରେ ଆର୍‌ପିଡିଏସି ବୈଠକରେ ଅଗ୍ରାଧିକାର ଭିତିରେ ନିଯୁକ୍ତି, ୧୮/୦୫/୨୦୧୮ରେ ଏଡିଏମ୍‌ଙ୍କ ଅଧକ୍ଷତାରେ ଅଭୟଚାନ୍ଦପୁର ଆଇଆଇସି ଓ ଆଇଓସିଏଲ୍ କର୍ତ୍ତୃପକ୍ଷ ୧୦୦ ଜଣକୁ ନିଯୁକ୍ତି ଦେବାକୁ ପ୍ରତିଶ୍ରୁତି ଦେଇଥିଲେ। କିନ୍ତୁ ଏହା ସମ୍ପୂର୍ଣ୍ଣ କାର୍ଯ୍ୟକାରୀ ହୋଇପାରିନି। ତେଣୁ ପ୍ରକଳ୍ପ ପାଇଁ ଜମି ହରାଇଥିବା ଲୋକଙ୍କ ମଧ୍ୟରେ ଅସନ୍ତୋଷ ବୃଦ୍ଧି ପାଇବାରେ ଲାଗିଛି।

## ଦୁର୍ଘଟଣାରେ ଜଣେ ମୃତ, ୨ଗୁରୁତର

ବିରଜାକ୍ଷେତ୍ର/ରସୁଲପୁର, ୨୮।୧୨ (ଡି.ଏନ୍.ଏ): ଯାଜପୁର ସଦର ଥାନା ଅନ୍ତର୍ଗତ ବରୁଆଁ-ବ୍ରହ୍ମବରଦା ରାସ୍ତାର ଶଙ୍ଖମଠ ନିକଟରେ ଶୁକ୍ରବାର ୨ ବାଇକ୍ ମୁହାଁମୁହିଁ ଧକ୍କା ହୋଇଥିଲା। ଫଳରେ ଘଟଣାସ୍ଥଳରେ ଜଣଙ୍କର ମୃତ୍ୟୁ ଘଟିଥିବା ବେଳେ ୨ଜଣ ଆହତ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ଜଣଙ୍କ ଅବସ୍ଥା ଗୁରୁତର ହେବାରୁ ତାଙ୍କୁ କଟକ ସ୍ଥାନାନ୍ତର କରାଯାଇଛି। ମୃତକ ଜଣକ ହେଲେ ଯାଜପୁର ସଦର ଥାନା ଅଧୀନ ମଙ୍ଗରାଜପୁର ପଞ୍ଚାୟତ ଜମାଲପୁର ଗ୍ରାମର ଅର୍ଜ୍ଜୁନୀ ନାୟକଙ୍କ ପୁଅ ଶଙ୍କର(୩୦)। ସୂଚନା ଯେ, ଶଙ୍କର ସେହି ଗ୍ରାମର ନୃସିଂହ ମହାନ୍ତିଙ୍କ ପୁଅ ପରମେଶ୍ୱର(୨୮)ଙ୍କ ସହ ମଧ୍ୟାହ୍ନରେ ଯାଜପୁରରୁ କାମ ସାରି ବାଇକ୍ ଯୋଗେ ଫେରୁଥିବା ବେଳେ ଶଙ୍ଖମଠ ନିକଟରେ ବିପରୀତ ଦିଗରୁ ଚିତାହଟା ଗ୍ରାମର ପ୍ରମୋଦ କୁମାର ରାଉତ ସେମାନଙ୍କୁ ଧକ୍କା ଦେଇଥିଲେ। ଫଳରେ ଘଟଣାସ୍ଥଳରେ ଶଙ୍କରଙ୍କର ମୃତ୍ୟୁ ଘଟିଥିଲା। ଗୁରୁତର ଯୁବକଙ୍କୁ ଚିକିତ୍ସା ନିମନ୍ତେ ଯାଜପୁର ମୁଖ୍ୟ ଡାକ୍ତରଖାନାକୁ ଅଣାଯାଇଥିବା ବେଳେ ଗୁରୁତର ଥିବା ପରମେଶ୍ୱରଙ୍କୁ କଟକ ସ୍ଥାନାନ୍ତର କରାଯାଇଛି। ଦୁର୍ଘଟଣାରେ ଆହତ ହୋଇଥିବା ପ୍ରମୋଦ ରାଉତ ଯାଜପୁର ମୁଖ୍ୟ ଡାକ୍ତରଖାନାରେ ଚିକିତ୍ସିତ ହେଉଛନ୍ତି। ଏ ସମ୍ପର୍କରେ ମୃତ ଯୁବକଙ୍କ ଭାଇ ଚନ୍ଦ୍ରମଣି ନାୟକ ଥାନାରେ ଅଭିଯୋଗ କରିଛନ୍ତି।

## ଆମ ଗାଁ ଆମ ବିକାଶ:୨୮ ପଞ୍ଚାୟତକୁ ୭ କୋଟି ଅନୁଦାନ



କାର୍ଯ୍ୟକ୍ରମରେ ଉପସ୍ଥିତ ମନ୍ତ୍ରୀ ଶଶୀ ଭୂଷଣ ବେହେରା, ବିଧାୟକ ଦାମୋଦର ରାଉତ ଓ ଅନ୍ୟମାନେ।

କୁଜଙ୍ଗ,୨୮।୧୨(ସ୍ୱ.ପ୍ର.): କୁଜଙ୍ଗ ବ୍ଲକ୍‌ରେ ଶୁକ୍ରବାର ଆମ ଗାଁ ଆମ ବିକାଶ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଏହି ଅବସରରେ ଭିଡିଓ କନ୍‌ଫରେନ୍ସିଂ ଜରିଆରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କୁଜଙ୍ଗ ବ୍ଲକ ୨୮ ପଞ୍ଚାୟତର ବହୁବିଧ ବିକାଶ ପାଇଁ ୭ କୋଟି ଟଙ୍କାର ଅନୁଦାନ ଘୋଷଣା କରିଥିଲେ। ପୂର୍ବାହ୍ନ ୧୦ଟାରେ ବ୍ଲକ୍ ପଡିଆରେ ଆୟୋଜିତ କାର୍ଯ୍ୟକ୍ରମରେ ଅର୍ଥମନ୍ତ୍ରୀ ଶଶୀ ଭୂଷଣ ବେହେରା, ଜଗତ୍‌ସିଂହପୁର ଏମ୍‌ପି ଡା. କୁଳମଣି ସାମଲ, ପାରାଦୀପ ବିଧାୟକ ଡା.ଦାମୋଦର ରାଉତ, ଜିଲ୍ଲାପାଳ ୟାମିନୀ ଷଡ଼ଙ୍ଗୀ, ଜିଲା ପ୍ରକଳ୍ପ ନିର୍ଦ୍ଦେଶକ ବିଶ୍ୱଜିତ୍ ଦାସ ଅତିଥି ଭାବେ ଯୋଗ ଦେଇଥିଲେ। କୁଜଙ୍ଗ ବ୍ଲକ୍‌ର ୨୮ ପଞ୍ଚାୟତରେ ୨୫୦ ପ୍ରକଳ୍ପ ନିର୍ମାଣ ପାଇଁ ୭ କୋଟି ମଞ୍ଜୁର କରାଯାଇଥିଲା। ପ୍ରାରମ୍ଭରେ ବିଭିନ୍ନ ପଞ୍ଚାୟତ ବିଜୁ ଯୁବବାହିନୀ ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ କରାଯାଇଥିଲା। କାର୍ଯ୍ୟକ୍ରମରେ ନିର୍ବାଚିତ ପ୍ରତିନିଧିଙ୍କ ସମେତ ୫ ହଜାରରୁ ଉର୍ଦ୍ଧ୍ୱ ଜନସାଧାରଣ ଅଂଶଗ୍ରହଣ କରିଥିଲେ। କୁଜଙ୍ଗ ବିଡିଓ କିଶୋର ଚନ୍ଦ୍ର ସ୍ୱାଇଁ, ଅତିରିକ୍ତ ବିଡିଓ ସନ୍ତୋଷ ଶତପଥୀ, କୁଜଙ୍ଗ ପଞ୍ଚାୟତ ସମିତି ଅଧକ୍ଷ ସ୍ମୃତି ରଞ୍ଜନ ବେହେରା, ଉପାଧକ୍ଷା ପୁଷ୍ପଲତା ବେହେରା, ସରପଞ୍ଚ ଭାରତ ନାୟକ, ପ୍ରକଳ୍ପ ସଂଯୋଜକ ଜିତେନ୍ଦ୍ରୀୟ ରାଉତ ପରିଚାଳନା କରିଥିଲେ।

■ ଜିଲାସ୍ତରୀୟ ଖାଉଟି ଅଧିକାର ଦିବସ

# ଉପଭୋକ୍ତା ସଚେତନତାକୁ ଗୁରୁତ୍ୱ

ଜଗତସିଂହପୁର ଅଫିସ,୨୮।୧୨




କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି ଓ ଛାତ୍ରୀଛାତ୍ର।

ଶୁକ୍ରବାର ସ୍ଥାନୀୟ ସିଦ୍ଧ ବାରଙ୍ଗ ମହାବିଦ୍ୟାଳୟ ପ୍ରାଙ୍ଗଣରେ ଜିଲାସ୍ତରୀୟ ଜାତୀୟ ଖାଉଟି ଅଧିକାର ଦିବସ ପାଳିତ ହୋଇଛି। ଏହି ଦିବସରେ ଖାଉଟୀ ସଚେତନ ହେବା ଉପରେ ଗୁରୁତ୍ୱାରୋପ କରାଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ ଅତିରିକ୍ତ ଜିଲାପାଳ ସଚ୍ଚିଦାନନ୍ଦ ସାହୁ ଯୋଗଦେଇ କହିଲେ ଯେ ଖାଉଟୀ ସୁରକ୍ଷା ଅଧିନିୟମ ଓ ସୂଚନା ଅଧିକାର ଆଇନ ଦ୍ୱାରା କାର୍ଯ୍ୟ ଧାରାରେ ଅନେକ ମାତ୍ରାରେ ସ୍ୱଚ୍ଛତା ଆସିଛି। ପ୍ରତିବର୍ଷ ଏହି ଦିବସ ମାଧ୍ୟମରେ ଲୋକଙ୍କୁ ସେମାନଙ୍କ ଅଧିକାର ସମ୍ପର୍କରେ ସଚେତନ କରାଯାଉଛି। ସେହିପରି ବୈଧମାପ ଓ ଓଜନ ବିଭାଗ ସହାୟକ ନିୟନ୍ତ୍ରକ ହରିଶଙ୍କର ପଟ୍ଟନାୟକ ଇଲେକ୍ଟ୍ରୋନିକ୍ ଓଜନ ମେଶିନ୍ ଉପରେ ଗୁରୁତ୍ୱାରୋପ କରିଥିଲେ। ପ୍ରତ୍ୟେକ ବ୍ୟବସାୟୀ ଏହି ଓଜନ ମେସିନ୍ ପାଖରେ ବଟକରା ରଖିବାକୁ ବାଧ ବୋଲି ସେ କହିଥିଲେ। ପ୍ରତିବର୍ଷ ଏହି ଓଜନ ଯନ୍ତ୍ର ନବୀକରଣ କରାଯାଇ ଡିସ୍‌ପ୍ଲେ ସିଲ୍ ଓ ପ୍ରମାଣପତ୍ର ପ୍ରଦାନ କରାଯିବା ବ୍ୟବସ୍ଥା ରହିଛି। ପ୍ୟାକେଟ୍ ଜିନିଷ ଉପରେ ମାତ୍ରା, ମୂଲ୍ୟ, ଉତ୍ପାଦନ ଓ ପ୍ୟାକେଟିଂ ତାରିଖ ଓ ଏକ୍ସପାଏରୀ ତାରିଖ ଲେଖା ରହିବା ନିୟମ ରହିଛି। ଗ୍ୟାସ ସିଲିଣ୍ଡର କିଣିବା ବେଳେ ଓଜନ ତନଖି କରିବା ଓ ପେଟ୍ରୋଲ ଟାଙ୍କିରେ ତେଲ କିଣିବା ପୂର୍ବରୁ ଜିରୋ ରିଡିଙ୍ଗ ଦେଖିବା ଆବଶ୍ୟକ ବୋଲି ସେ କହିଥିଲେ। ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ କାମିନୀ ରଞ୍ଜନ ପଟ୍ଟନାୟକ ଖାଉଟି ସେମାନଙ୍କ ଅଧିକାର, ଜିନିଷ କ୍ରୟ ଓ ବିକ୍ରୟ ସମ୍ପର୍କିତ ଜ୍ଞାନ ଆହରଣ କରିବା ଉଚିତ ବୋଲି ମତବ୍ୟକ୍ତ କରିଥିଲେ। ଉପଭୋକ୍ତା ସୁରକ୍ଷା ଅଭିଯାନ, ଓଡ଼ିଶାର ସଭାପତି ବଂଶୀଧର ଆଚାର୍ଯ୍ୟ, ଅଭିଯାନ ସମ୍ପାଦକ ତଥା ରାଜ୍ୟ ଖାଉଟି ସୁରକ୍ଷା ପରିଷଦ ସଭ୍ୟ ଗୋବିନ୍ଦ ଓଝା, ଅଭିଯାନ କାର୍ଯ୍ୟକାରୀ ସଭାପତି ବିଶ୍ୱଜିତ ସୂର୍ଯ୍ୟବଂଶୀ, କଟକ ଶାନ୍ତି କମିଟି ସଭ୍ୟ ଦିପାୟନ ପଟ୍ଟନାୟକ ଓ ସିଦ୍ଧ ବାରଙ୍ଗ ମହାବିଦ୍ୟାଳୟ ଅଧକ୍ଷ ଶୀତଳ କୁମାର ପଣ୍ଡା ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଖାଉଟୀ ସୁରକ୍ଷା ଆଇନର ଖିଲାପ କଲେ ଜିଲା ଫୋରମ୍‌ରେ ୨୦ ଲକ୍ଷ ଟଙ୍କା ପର୍ଯ୍ୟନ୍ତ, ରାଜ୍ୟ ଫୋରମ୍‌ରେ ୨୦ ଲକ୍ଷରୁ ୧ କୋଟି ଏବଂ ଜାତୀୟ ଫୋରମ୍‌ରେ ୧ କୋଟିରୁ ଅଧିକ ଟଙ୍କାର ସହାୟତା ଦିଆଯାଇ ପାରିବ ବୋଲି କୁହାଯାଇଥିଲା। ଶେଷରେ ଜିଲା ଖାଉଟି ସୁରକ୍ଷା ପରିଷଦର ସଦସ୍ୟ ବିଜୟ ମହାପାତ୍ର ଧନ୍ୟବାଦ ଦେଇଥିଲେ।

## ଜଗନ୍ନାଥ ଟ୍ରକ୍ ମାଲିକ ସଂଘର ଆମ୍ବୁଲାନ୍ସ ସେବା ଆରମ୍ଭ



ଅତିଥି ଆମ୍ବୁଲାନ୍ସ ସେବାର ଶୁଭାରମ୍ଭ କରୁଛନ୍ତି।

ପାରାଦୀପ,୨୮।୧୨(ସ୍ୱ.ପ୍ର.): ପାରାଦୀପର ଜଗନ୍ନାଥ ଟ୍ରକ୍ ମାଲିକ ସଂଘ ପକ୍ଷରୁ ଶୁକ୍ରବାର ସର୍ବସାଧାରଣଙ୍କ ପାଇଁ ଏକ ହାଇଟେକ ଆମ୍ବୁଲାନ୍ସ ସେବା ଆରମ୍ଭ ହୋଇଛି। ପାରାଦୀପରେ କ୍ରମବର୍ଦ୍ଧିଷ୍ଣୁ ଦୁର୍ଘଟଣାକୁ ଦେଖି ସଂଘ ଏଭଳି ପଦକ୍ଷେପ ନେଇଛି। ଏହି ଅବସରରେ ସଂଘ କାର୍ଯ୍ୟାଳୟରେ ଆୟୋଜିତ କାର୍ଯ୍ୟକ୍ରମରେ ଥାନା ଅଧିକାରୀ ରଜନୀକାନ୍ତ ସାମଲ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଆମ୍ବୁଲାନ୍ସ ସେବା ଶୁଭାରମ୍ଭ କରିଥିଲେ। ସଂଘ ସଭାପତି ଛଇଳ ଚନ୍ଦ୍ର ଜେନା, ଉପସଭାପତି ପ୍ରକାଶ ଚନ୍ଦ୍ର ଜେନା ପ୍ରମୁଖ ଉପସ୍ଥିତ ଥିଲେ।

# ଜିଲାରେ ହେନ୍ତାଳବଣକୁ ସୁରକ୍ଷା ଦେବ ସିଜେଡ୍ଏମ୍‌ପି

■ ୨ ବର୍ଷରେ ନଷ୍ଟ ହୋଇଛି ୪ ବର୍ଗ କିଲୋମିଟର ହେନ୍ତାଳବଣ
■ ସମୁଦ୍ର ଗର୍ଭକୁ ଚାଲିଯାଇଛି ୮୮ ବର୍ଗ କିଲୋମିଟର ସ୍ଥଳଭାଗ

କେନ୍ଦ୍ରାପଡ଼ା ଅଫିସ, ୨୮।୧୨

କେନ୍ଦ୍ରାପଡା ଜିଲାର ଉପାନ୍ତ ଅଞ୍ଚଳରେ ୪୮ କିଲୋମିଟର ସମୁଦ୍ର ତଟ ରହିଛି । ଏହି ତଟାଞ୍ଚଳରେ ଥିବା ୧୮୩ ବର୍ଗ କିଲୋମିଟର ହେନ୍ତାଳବଣ ସାମୁଦ୍ରିକ ଜୁଆରକୁ ରୋକିବା ସହ ଜିଲାର ସୁରକ୍ଷା ପ୍ରଚୀର ଭାବେ କାର୍ଯ୍ୟ କରୁଛି । ତେବେ ଗତ ୧୯୬୦ ମସିହାରୁ ହେନ୍ତାଳବଣର ଦ୍ରୁତ ଅବକ୍ଷୟ ହେବାରେ ଲାଗିଛି । ଏହି ଅବକ୍ଷୟକୁ ରୋକିବା ସହ ସାମୁଦ୍ରିକ ଓ ବନ୍ୟ ଜନ୍ତୁ ସୁରକ୍ଷା କରିବାରେ ସହାୟକ ହେବ ରାଜ୍ୟ ସରକାରଙ୍କ ଦ୍ୱାରା ପ୍ରସ୍ତୁତ ହୋଇଥିବା ଉପକୂଳ ଅଞ୍ଚଳ ପରିଚାଳନା ଯୋଜନା ( ସିଜେଡ୍ଏମ୍‌ପି)–୨୦୧୮। କେନ୍ଦ୍ର ପରିବେଶ ଓ ଜଙ୍ଗଲ ମନ୍ତ୍ରଣାଳୟ ଇତିମଧ୍ୟରେ ଏହାକୁ ଅନୁମୋଦନ କରିଛି। ଏନେଇ ସ୍ଥାନୀୟ ଅଞ୍ଚଳର ପରିବେଶବିତ୍‌ମାନେ ଆନନ୍ଦ ପ୍ରକାଶ କରିଛନ୍ତି । ସୂଚନାଯୋଗ୍ୟ, ହେନ୍ତାଳ ଏକ ଖଜୁରୀ ଜାତୀୟ ଉଦ୍ଭିଦ । ଏହି ବୃକ୍ଷ ସମୁଦ୍ର ତଟବର୍ତ୍ତୀ ଅଞ୍ଚଳ ପାଇଁ ସୁରକ୍ଷା ପ୍ରାଚୀର ଭାବେ କାମ କରିଥାଏ । ଏହାର ସାନ୍ଦ୍ରତା ଓ ନମନୀୟତା ଯୋଗୁ ସମୁଦ୍ରର ଉତ୍ତାଳ ଜୁଆର ତଟବର୍ତ୍ତୀ ଅଞ୍ଚଳରକୁ କ୍ଷତି ହେବାରୁ ରକ୍ଷା କରିଥାଏ । ମାତ୍ର ଏବେ ଏହି ହେନ୍ତାଳ ବନର ଦ୍ରୁତ ଅବକ୍ଷୟ ହେବାରେ ଲାଗିଛି । ୨୦୧୩ ସର୍ଭେ ଅନୁସାରେ କେନ୍ଦ୍ରାପଡା ଜିଲାର ମୋଟ ୪ ବର୍ଗ କିଲୋମିଟର ହେନ୍ତାଳବନ ମାତ୍ର ୨ ବର୍ଷରେ ନଷ୍ଟ ହୋଇଛି। ପରବର୍ତ୍ତୀ ସମୟରେ ରାଜନଗର ବ୍ଲକ ପେଣ୍ଠ ଓ ସାତଭାୟା ଅଞ୍ଚଳରେ ଦ୍ରୁତ ବେଗରେ ଅବକ୍ଷୟ ହେଉଛି । ଏ ସମ୍ପର୍କରେ ବାରହାପୁର୍‌ର ପରିବେଶବିତ ହେମନ୍ତ କୁମାର ରାଉତ କୁହନ୍ତି, ଜନବସତିକୁ ପ୍ରାକୃତିକ ବିପର୍ଯ୍ୟୟରୁ ରକ୍ଷା କରିବାକୁ ହେନ୍ତାଳ ବଣ ପ୍ରାଚୀର ପରି କାମ କରେ । ଏହି ହେନ୍ତାଳ ବନ ଯୋଗୁ ଡ଼ାଙ୍ଗମାଳ କୁମ୍ଭୀର ପ୍ରଜନନ କ୍ଷେତ୍ର ପାଲଟିଥିବା ବେଳେ ଅଲିଭରିଡ୍‌ଲେଙ୍କ ଅଭୟସ୍ଥଳ ପାଲଟିଛି । ତେବେ ଗତ ୬ ଦଶନ୍ଧି ଧରି ଏହି ଅଞ୍ଚଳରୁ ଧୀରେ ଧୀରେ ହେନ୍ତାଳବନ କମିବାରେ ଲାଗିଛି। ଫଳରେ ପ୍ରାୟ ୮୮ ବର୍ଗ କିଲୋମିଟର ସ୍ଥଳଭାଗ ସମୁଦ୍ର ଗର୍ଭକୁ ଚାଲିଯାଇଛି । ଏହି ହେନ୍ତାଳବନ ନଷ୍ଟ ପାଇଁ ପାରାଦୀପ ଓ ଧାମରା ବନ୍ଦର ନିର୍ମାଣକୁ ସେ ଦାୟୀ କରିଛନ୍ତି । ବନ୍ଦର ଦ୍ୱୟ ନିର୍ମାଣ ପରେ କେନ୍ଦ୍ରାପଡା ଜିଲାର ସ୍ଥଳଭାଗ ଦ୍ରୁତ ଅବକ୍ଷୟ ହେବାରେ ଲାଗିଛି ବୋଲି ସେ କହିଛନ୍ତି । ଏହାକୁ ରୋକିବା ପାଇଁ ଜିଲା ପ୍ରଶାସନ ପକ୍ଷରୁ ଜଙ୍ଗଲ ଜମିକୁ ଜବରଦଖଲରୁ ମୁକ୍ତ କରିବା, କାଠ ଚୋରିକୁ ବନ୍ଦ କରିବା ସହ ନୂତନ ହେନ୍ତାଳବଣ ସୃଷ୍ଟି କରିବା ଆବଶ୍ୟକ ବୋଲି ରାଉତ କହିଛନ୍ତି । ସେହିପରି ପଟ୍ଟାମୁଣ୍ଡାଇରର ପରିବେଶବିତ୍ ଡା. ପିଏନ ଗୌରାଙ୍ଗ କହିଛନ୍ତି, ବିଶ୍ୱତାପନ ଫଳରେ ସମୁଦ୍ରର ଜଳପତ୍ତନ ବଢୁଛି । ଏହାର ପ୍ରଭାବରେ ଜିଲାର ତଟକ୍ଷୟ ହେଉଛି । ଏହି ତଟକ୍ଷୟକୁ ରୋକିବା ପାଇଁ ନୂତନ ହେନ୍ତାଳବନ ଆବଶ୍ୟକ । ଏ ସମ୍ପର୍କରେ ଜିଲାପାଳ ଦାଶରଥି ଶତପଥୀ କୁହନ୍ତି, ସିଜେଡ୍ଏମ୍‌ପି ଅଧୀନରେ ପେଣ୍ଠଠାରେ ଜିଓ ଟ୍ୟୁବ ୱାଲ ନିର୍ମାଣ ହୋଇଛି । ଏଥିସହ ନୂତନ ହେନ୍ତାଳବନ ସୃଷ୍ଟି କରିବା ଓ କାଠ ଚୋରିକୁ ରୋକିବା ପାଇଁ ପ୍ରଶାସନ ପକ୍ଷରୁ ବିଭିନ୍ନ ପଦକ୍ଷେପ ନିଆଯାଉଛି । ହେନ୍ତାଳବନର ସୁରକ୍ଷା ପାଇଁ ଜଙ୍ଗଲ ଜମିଗୁଡିକୁରୁ ଜବରଦଖଲକାରୀଙ୍କୁ ଉଚ୍ଛେଦ କରାଯାଉଛି ବୋଲି ଶତପଥୀ କହିଛନ୍ତି।

## 'ଜିରୋ' ଫିଲ୍ମରେ ଓଡ଼ିଆ ପ୍ରତିଭା

କଟକ ଅଫିସ, ୨୮।୧୨


ସାରଦା ପ୍ରସନ୍ନ ମହାନ୍ତି

କିଙ୍ଗଖାନ୍ ଶାହରୁଖ ଖାନ୍‌ଙ୍କ 'ଜିରୋ' ଚଳଚ୍ଚିତ୍ରକୁ ଦର୍ଶକଙ୍କ ଭଲପାଇବା ମିଳିଛି। ତେବେ ପରଦା ପଛରେ ରହି ଏହି ଚଳଚ୍ଚିତ୍ରରେ ନିଜର ଯାଦୁକରୀ କାର୍ଯ୍ୟର ଛାପ ଛାଡ଼ିଛନ୍ତି ଜଣେ ଓଡ଼ିଆ ଯୁବକ। ଚଳଚ୍ଚିତ୍ରର ଅତ୍ୟାଧୁନିକ ଭିଜୁଆଲ ଇଫେକ୍ଟ(ଭିଏଫ୍ଏକ୍ସ) ଟିମ୍‌ରେ କାର୍ଯ୍ୟ କରିଥିବା ଏହି ଓଡ଼ିଆ ଜଣକ ହେଲେ ସାରଦା ପ୍ରସନ୍ନ ମହାନ୍ତି। ଶାହରୁଖ ଏହି ଚଳଚ୍ଚିତ୍ରରେ ଜଣେ ବାମନ ଭାବେ ଦେଖିବାକୁ ମିଳିଥିବା ବେଳେ ଏହି କାର୍ଯ୍ୟ ଚଳଚ୍ଚିତ୍ରର ଭିଏଫ୍‌ଏକ୍ସ ଟିମ୍ ଦ୍ୱାରା ହିଁ ସମ୍ପାଦିତ ହୋଇଛି। ଭିଏଫ୍‌ଏକ୍ସ ଏଡିଟର ଭାବେ ସାରଦାଙ୍କ ନାମ ଜିରୋ ଚଳଚ୍ଚିତ୍ରର କ୍ରେଡିଟ ଲିଷ୍ଟ(ଶ୍ରେୟ ତାଲିକା)ରେ ରହିଛି। ଏହା ପୂର୍ବରୁ ରଜନୀକାନ୍ତଙ୍କ ଅଭିନୀତ ୨.୦ରେ ମଧ୍ୟ ସାରଦା ସମ୍ପାଦନା କାର୍ଯ୍ୟ କରିଛନ୍ତି। ତାଙ୍କ ବାପା ହେଉଛନ୍ତି ନିମାଇଁ ଚରଣ ମହାନ୍ତି ଓ ମା' ଭାରତୀ। ଘର କେନ୍ଦ୍ରାପଡ଼ା ଜିଲା ମାର୍ଶାଘାଇର ଜମପଡ଼ା ଗ୍ରାମରେ। ଏବେ ତାଙ୍କୁ ମାତ୍ର ୨୧ ବର୍ଷ। ଜଣେ ଅଭିନେତା ହେବାର ସ୍ୱପ୍ନ ନେଇ ପୁଣେ ଯାଇଥିବା ସାରଦା ଏବେ ଭିଏଫ୍‌ଏକ୍ସ ଏଡିଟର ଭାବେ କାର୍ଯ୍ୟ କରୁଛନ୍ତି। ୨୦୧୪ରେ ଯୁକ୍ତ୨ ପାଠପଢ଼ା ଶେଷ କରିବା ପରେ ଜି ମିଡିଆ ବିଶ୍ୱବିଦ୍ୟାଳୟରେ ଅଭିନୟ ପାଠ ପଢ଼ିଥିଲେ। ପରେ ଓଡ଼ିଶା ଆସି ଅନେକ ପ୍ରଯୋଜକ, ନିର୍ଦ୍ଦେଶକଙ୍କୁ ଭେଟିଥିଲେ ମଧ୍ୟ କେହି ସୁଯୋଗ ଦେଇ ନ ଥିଲେ। ୨୦୧୬ରେ ବମ୍ବେର ରେଡ୍ ଚିଲିଜ୍ ଭିଏଫ୍‌ଏକ୍ସ ଅଫିସ୍‌ରେ ସେ ଏଡିଟର ଭାବେ କାର୍ଯ୍ୟାରମ୍ଭ କରିଥିଲେ। ଏହାପରେ ପ୍ରାଇମ୍ ଫୋକସ, ଅନ୍ନପୂର୍ଣ୍ଣା ଭଳି ବିଭିନ୍ନ ପ୍ରତିଷ୍ଠିତ ପୋଷ୍ଟ-ପ୍ରଡକ୍ସନ ଅଫିସ୍‌ରେ ସେ କାର୍ଯ୍ୟ କରିଥିଲେ। ଏବେ ସେ ଲିଜେଣ୍ଡ ଭିଏଫ୍‌ଏକ୍ସ ଅଫିସରେ କାମ କରୁଛନ୍ତି। ଆଗାମୀ ଦିନରେ ଓଡ଼ିଶାରେ ସିନେମା ପ୍ରସ୍ତୁତ କରିବା ଦିଗରେ କାମ କରିବେ ବୋଲି ସାରଦା କହିଛନ୍ତି।

## ସଂକ୍ଷେପରେ

### ଗହୀରମଥାରୁ ୧ ଟ୍ରଲର ଜବତ, ୬ ମତ୍ସ୍ୟଜୀବୀ ଗିରଫ



ରାଜନଗର,୨୮।୧୨(ଡିଏନଏ): ରାଜନଗର ବ୍ଲକର ଭିତରକନିକା ସଂଲଗ୍ନ ଗହୀରମଥା ସାମୁଦ୍ରିକ ନିଷିଦ୍ଧାଞ୍ଚଳରେ ବେଆଇନ ଭାବେ ମାଛ ଧରୁଥିବା ବାଲେଶ୍ୱର ଅଞ୍ଚଳର ଏକ ଟ୍ରଲରକୁ ଶୁକ୍ରବାର ବନବିଭାଗ ଟିମ୍ ଜବତ କରିଛି। ଏଥିରେ ଥିବା ୬ ଜଣ ମତ୍ସ୍ୟଜୀବୀଙ୍କୁ ଗିରଫ କରାଯାଇଛି। ଏହାଛଡା ଟ୍ରଲରରେ ଥିବା ୪ କୁଇଣ୍ଟାଲ ମାଛ, ୮ଟି ଜାଲ, ଗୋଟିଏ ଫିସ୍ ଫାଇଣ୍ଡର, ଗୋଟିଏ ଜିପିଏସ, ଗୋଟିଏ ଭିଏଚଏଫ ଜବତ କରାଯାଇଛି। ଗିରଫ ମତ୍ସ୍ୟଜୀବୀଙ୍କ ମଧ୍ୟରେ ବାଲେଶ୍ୱରର ଦୋଳଗୋବିନ୍ଦ ମଳିକ, ଜଗବନ୍ଧୁ ମଳିକ, ଦୈତାରୀ ମଳିକ , ସୋର ଅଞ୍ଚଳର ଜିତେନ୍ଦ୍ର ମଳିକ, ସନାତନ ମଳିକ, ସୁବାଷ ମଳିକଙ୍କୁ ଗିରଫ କରାଯାଇଛି। ଜବତ ହୋଇଥିବା ଟ୍ରଲରର ନାମ ମା' କନକଲକ୍ଷ୍ମୀ। ହୁକିଟୋଲା ଠାରୁ ୪ କି.ମି. ନିଷିଦ୍ଧାଞ୍ଚଳରେ ଏହି ଟ୍ରଲରଟି ମାଛ ଧରୁଥିଲା। ଗହୀରମଥା ଅତିରିକ୍ତ ବନ ସଂରକ୍ଷକ ଶ୍ରୀରାମପଦ ଅରବିନ୍ଦ ମିଶ୍ରଙ୍କ ନେତୃତ୍ୱରେ ବନବିଭାଗର ଏକ ଟିମ୍ ପାଟ୍ରୋଲିଂ କରୁଥିବା ବେଳେ ଏହି ଟ୍ରଲରକୁ ଜବତ କରିଥିଲେ।

### ବିଜେଡିର ବ୍ଲକସ୍ତରୀୟ ପ୍ରତିଷ୍ଠା ଦିବସ



ଡେରାବିଶ,୨୮।୧୨ (ସ୍ୱ.ପ୍ର.)-ଡେରାବିଶ ବ୍ଲକ ଅନ୍ତର୍ଗତ ଗୋଲରାହାଟ ପଞ୍ଚାୟତର ଶ୍ରୀ ଦଧିବାମନଜୀଉ ମନ୍ଦିର ପ୍ରାଙ୍ଗଣରେ ବୁଧବାର ସନ୍ଧ୍ୟାରେ ବିଜେଡିର ବ୍ଲକସ୍ତରୀୟ ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି । ବିଜେଡି ପକ୍ଷରୁ ଆୟୋଜିତ ପ୍ରତିଷ୍ଠା ଉତ୍ସବରେ ପୂର୍ବତନ ସରପଞ୍ଚ ବିପିନି ବିହାରୀ ସାହୁ ଅଧକ୍ଷତା କରିଥିଲେ । ପଞ୍ଚାୟତ ସମିତି ଅଧକ୍ଷ ସରୋଜକାନ୍ତ ସାହୁ ମୁଖ୍ୟଅତିଥି ଭାବେ ଯୋଗଦେଇ କହିଥିଲେ ଯେ, ରାଜ୍ୟ ସରକାରଙ୍କ ପକ୍ଷରୁ କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ଜନହିତକର କାର୍ଯ୍ୟ ପାଇଁ ରାଜ୍ୟ ଜାତୀୟ ସ୍ତରରେ ସୁନାମ ଅର୍ଜନ କରିଛି । ଏହାଛଡା ମୁଖ୍ୟମନ୍ତ୍ରୀଙ୍କ ଆମ ଗାଁ ଆମ ବିକାଶ ଯୋଜନା ଐତିହାସିକ ବୋଲି ସାହୁ ମତବ୍ୟକ୍ତ କରିଥିଲେ । ଏହି ଉତ୍ସବରେ ସମ୍ମାନିତ ଅତିଥି ଭାବେ ବରିଷ୍ଠ ବିଜେଡି ନେତା ଅଲେଖ ପ୍ରସାଦ ବେହେରା, ରବିନ୍ଦ୍ର ଜେନା, ସମବାୟବିତ୍ ବୈଷ୍ଣବ ଚରଣ ସାହୁ ଓ ସରୋଜକାନ୍ତ ନାୟକ, ରାଜକିଶୋର ମଲ୍ଲ, ପୂର୍ବତନ ସରପଞ୍ଚ ତ୍ରିଲୋଚନ ରାଉତ, ମନୋରଞ୍ଜନ ଉପାଧ୍ୟ, ପୂର୍ବତନ ସମିତି ସଭ୍ୟ ସୁଚିସ୍ମିତା ରଥ ଯୋଗଦେଇ ରାଜ୍ୟ ସରକାରଙ୍କ ଲୋକାଭିମୁଖୀ କାର୍ଯ୍ୟକ୍ରମ ଉପରେ ଆଲୋକପାତ କରିଥଲେ । ଯୁବନେତା ଦିଲୀପ କୁମାର ଦାସ, ଶେଖ ଅବଦୁଲ୍ଲା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

### ସିଆର୍‌ସିସିଙ୍କ ପରଲୋକ

ରାଜନଗର, ୨୮।୧୨(ଡିଏନଏ)- ରାଜନଗର ବ୍ଲକ ଶିକ୍ଷା ବିଭାଗରେ କାର୍ଯ୍ୟରତ ସିଆରସିସି ନିର୍ମଳ କୁମାର ସ୍ୱାଇଁଙ୍କ ଗୁରୁବାର ବିଳମ୍ବିତ ରାତିରେ ପରଲୋକ ଘଟିଛି । ସ୍ୱର୍ଗତ ସ୍ୱାଇଁ ଏହି ବ୍ଲକ ଅନ୍ତର୍ଗତ ମଧୁପୁର ପ୍ରୋଜେକ୍ଟ ପ୍ରାଇମେରୀ ବିଦ୍ୟାଳୟରେ ଶିକ୍ଷକତା କରୁଥିଲେ। ପରବର୍ତ୍ତୀ ସମୟରେ ତାଙ୍କୁ ସିଆରସିସି ଭାବେ ନିଯୁକ୍ତି ଦିଆଯାଇଥିଲା। ୧୫ଦିନ ତଳେ ସେ ଜଣ୍ଡିସ ରୋଗରେ ଆକ୍ରାନ୍ତ ହୋଇଥିଲେ। ତାଙ୍କୁ ଭୁବନେଶ୍ୱରସ୍ଥିତ ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି କରାଯାଇ ଚିକିତ୍ସା କରାଯାଉଥିଲା। ସେଠାରେ ତାଙ୍କର ପରଲୋକ ଘଟିବା ଖବର ପାଇବା ପରେ ରାଜନଗର ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ସ୍ୱର୍ଗତ ସ୍ୱାଇଁ ଜଣେ ଆଦର୍ଶ ଶିକ୍ଷକ ଭାବେ ଅଞ୍ଚଳରେ ପରିଚିତ ଥିଲେ।

## ବାଳିକା ଆତ୍ମରକ୍ଷା ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ

ରାଜନଗର,୨୮।୧୨(ଡିଏନଏ)



ଶିବିରରେ ଉପସ୍ଥିତ ଅତିଥିମାନେ।

ସ୍ଥାନୀୟ ମଦନପୁରସ୍ଥିତ ଯୁକେ ମହାବୀର କଲେଜ ପକ୍ଷରୁ ଚାଲିଥିବା ବାଳିକା ଆତ୍ମରକ୍ଷା ପ୍ରଶିକ୍ଷଣ ଶିବିର ଶୁକ୍ରବାର ଉଦ୍‌ଯାପିତ ହୋଇଯାଇଛି। ମହାବିଦ୍ୟାଳୟର ସମ୍ମିଳନୀ କକ୍ଷରେ ଆୟୋଜିତ ଉଦ୍‌ଯାପନୀ ଉତ୍ସବରେ ଅଧକ୍ଷ ଉମେଶ ଚନ୍ଦ୍ର ପରିଡା ସଭାପତିତ୍ୱ କରିଥିଲେ। ଏଥିରେ ମୁଖ୍ୟଅତିଥି ଭାବେ କେନ୍ଦ୍ରାପଡା ଜିଲା ସେଲ୍ଫ ଡିଫେନ୍ସ କାର୍ଯ୍ୟକ୍ରମର ସଂଯୋଜକ ପ୍ରଫେସର ଶ୍ରୀଧର କୁମାର ସାମଲ, ସମ୍ମାନିତ ଅତିଥି ଭାବେ ଅଧାପକ ଗୌରାଙ୍ଗ ଚରଣ ପଣ୍ଡା, ଦିଲିପ ମହାପାତ୍ର, କ୍ରୀଡା ଶିକ୍ଷକ ଅରବିନ୍ଦ ବେହେରା ଯୋଗଦେଇ ବାଳିକାମାନେ ଆତ୍ମ ସୁରକ୍ଷା କ୍ଷେତ୍ରରେ ସଚେତନ ରହିଲେ, ଆସନ୍ନ ବିପଦରୁ ନିଜକୁ ସୁରକ୍ଷା କରିପାରିବେ ବୋଲି କହିଥିଲେ। ପ୍ରଶିକ୍ଷଣ ଶିବିରର ପ୍ରୋଗ୍ରାମ ଅଫିସର ପ୍ରାଧାପକ ପବିତ୍ର ମହାନ୍ତି ଶିବିରର ଆଭିମୁଖ୍ୟ ଉପରେ ଆଲୋଚନା କରିଥିଲେ। ଶିବିରରେ ଭାଗ୍ୟଶ୍ରୀ ପଣ୍ଡା, ଇପ୍‌ସିତା ବେହେରା ଯୋଗଦେଇ ଛାତ୍ରୀମାନଙ୍କୁ ପ୍ରଶିକ୍ଷଣ ଦେଇଥିଲେ। ଏହି ଅବସରରେ ଏଥିରେ ଅଂଶଗ୍ରହଣ କରିଥିବା ୧୮୦ଜଣ ଛାତ୍ରୀଙ୍କୁ ମୁଖ୍ୟଅତିଥି ସାମଲ ସାର୍ଟିଫିକେଟ ପ୍ରଦାନ କରିଥିଲେ।

## ଶର୍ଟ ସର୍କିଟରୁ ଅଗ୍ନିକାଣ୍ଡ

ପଟ୍ଟାମୁଣ୍ଡାଇ,୨୮।୧୨(ସ୍ୱ.ପ୍ର)

ପଟ୍ଟାମୁଣ୍ଡାଇ ବ୍ଲକ ଚନ୍ଦନନଗର ପଞ୍ଚାୟତ ବନ୍ତପଟଣା ଗ୍ରାମର ହରନବାବୀ ପଡାରେ ଶୁକ୍ରବାର ସନ୍ଧ୍ୟା ସାଢେ ୬ଟାରେ ଆକସ୍ମିକ ଅଗ୍ନିକାଣ୍ଡ ଘଟି ଶଙ୍କର୍ଷଣ ସାହୁଙ୍କ ଘର ସମ୍ପୂର୍ଣ୍ଣ ପୋଡିଯାଇଛି । ଅଗ୍ନିକାଣ୍ଡରୁ କୌଣସି ଜିନିଷପତ୍ର ଉଦ୍ଧାର କରାଯାଇ ପାରିନାହିଁ । ଖବରପାଇ ପଟ୍ଟାମୁଣ୍ଡାଇ ଦମକଳ ବାହିନୀ ଅଗ୍ନିକାଣ୍ଡ ସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ । ବିଦ୍ୟୁତ୍ ଶର୍ଟ ସର୍କିଟ ଯୋଗୁ ଅଗ୍ନିକାଣ୍ଡ ଘଟିଥିବା କୁହାଯାଉଛି । ଅଗ୍ନିକାଣ୍ଡରେ ଧାନ, ଚାଉଳ, ମୁଗ, ବିରି ସମେତ ଘରକରଣା ଆସବାବପତ୍ର ପୋଡିଯାଇଛି। ବିପନ୍ନ ପରିବାର ଶୀତ କାକରରେ ପଡିରହିଛନ୍ତି। ସାହୁଙ୍କ ପରିବାରକୁ ପଟ୍ଟାମୁଣ୍ଡାଇ ଡିଜେ ସେବା ସମିତି ଅଧକ୍ଷ ପ୍ରତାପ ପାଢୀ ୨ଟି କମ୍ବଳ ପ୍ରଦାନ କରିଛନ୍ତି । ସରକାରୀ ସାହାଯ୍ୟ ଯୋଗାଇ ଦେବାକୁ ସରପଞ୍ଚ ବନ୍ଦିତା ଦାସଙ୍କ ସହ ଗ୍ରାମବାସୀ ଦାବି କରିଛନ୍ତି ।

## ତୀର୍ଥବାସିନୀ ପୂଜ୍ୟପୂଜା ପରିଷଦ ପକ୍ଷରୁ ମାତୃପିତୃ ପୂଜନ

ରାଜନଗର,୨୮।୧୨(ଡିଏନଏ)

ରାଜନଗର ବ୍ଲକ ବନ୍ଧପଡା ଗ୍ରାମର ତୀର୍ଥବାସିନୀ ପୂଜ୍ୟପୂଜା ପରିଷଦ ପକ୍ଷରୁ ଶୁକ୍ରବାର ବୃନ୍ଦାବତୀ ପୂଜନ, ମାତୃପିତୃ ପୂଜନ ଏବଂ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ପ୍ରତ୍ୟୁଷରୁ ଗ୍ରାମରେ ନୂତନ ଭାବେ ସ୍ଥାପନ କରାଯାଇଥିବା ଚଉରାରେ ବୃନ୍ଦାବତୀଙ୍କୁ ପୂଜାର୍ଚ୍ଚନା କରାଯାଇଥିଲା। ପରେ ଭାରତୀୟ ସଂସ୍କୃତିକୁ ଆଧାର କରି ମାତାପିତାଙ୍କୁ ବୈଦିକ ରୀତିନୀତିରେ ପୂଜାର୍ଚ୍ଚନା କରାଯାଇଥିଲା। ପରିଷଦର ସଂଯୋଜକ ସଞ୍ଜୟ ଭାଇଙ୍କ ସଭାପତିତ୍ୱରେ ଆୟୋଜିତ ସମ୍ବର୍ଦ୍ଧନା ଉତ୍ସବରେ ଠାକୁର ଶ୍ରୀ ଶ୍ରୀ ଅଭିରାମ ପରମହଂସ ଦେବଙ୍କ ସେବକ ଅଭୟ ଦାସ ମୁଖ୍ୟଅତିଥି, ଶିକ୍ଷାବିତ ସୁକାନ୍ତ କୁମାର ତ୍ରିପାଠୀ ମୁଖ୍ୟବକ୍ତା ଏବଂ ସମ୍ମାନିତ ବକ୍ତା ଭାବେ ଶିକ୍ଷାବିତ୍ ଗୋଲୋକ ବିହାରୀ ସାହୁ, ପଣ୍ଡିତ ବରଦାକାନ୍ତ ଯୋଗଦେଇଥିଲେ। ଏହି ଅବସରରେ ସାମ୍ବାଦିକତା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ବରିଷ୍ଠ ପତ୍ରକାର ଭାସ୍କର ରାଉତରାୟଙ୍କୁ ଦେବର୍ଶୀ ନାରଦ ସମ୍ମାନ ୨୦୧୮ ପ୍ରଦାନ କରାଯାଇଥିଲା । ଏଥିସହିତ ଶ୍ରେଷ୍ଠ ମାତା ଭାବେ ଉର୍ମିଳା ରାଉତଙ୍କୁ ଦିବ୍ୟ ଜନନୀ ସମ୍ମାନ, ଅବଳା ରାଉତଙ୍କୁ ପତିବ୍ରତା ସମ୍ମାନ, ବସନ୍ତ କୁମାର ସ୍ୱାଇଁଙ୍କୁ ପ୍ରେରଣା ସମ୍ମାନ, ପୂର୍ଣ୍ଣଚନ୍ଦ୍ର ବଳଙ୍କୁ ବନ୍ଧପଡା ଆଦର୍ଶ ସମ୍ମାନ, ଭାସ୍କର କୁମାର ଜେନାଙ୍କୁ ବିଜ୍ଞାନୀ କୈବର୍ତ୍ତ ସମ୍ମାନ, କୁଳମଣି ସେଠୀଙ୍କୁ କର୍ମଯୋଗୀ ସମ୍ମାନରେ ସମ୍ମାନିତ କରାଯାଇଥିଲା । ମୁଖ୍ୟଅତିଥି ସେମାନଙ୍କୁ ଉପଢୌକନ ଏବଂ ମାନପତ୍ର ଦେଇ ସମ୍ବର୍ଦ୍ଧିତ କରିଥିଲେ। ପରିଷଦର ମୁଖ୍ୟ ମନୋଜ କୁମାର ରାଉତ ଧନ୍ୟବାଦ ଦେଇଥିଲେ।

## ବାୟାବାବାଙ୍କ ୧୨୧ତମ ଜନ୍ମ ମହୋତ୍ସବ

ରାଜନଗର,୨୮।୧୨(ଡିଏନଏ)


ଗୁଲୁଦିଆ ବାୟାବାବାଙ୍କ ଆଶ୍ରମରେ ଆୟୋଜିତ ଜୟନ୍ତୀ ଉତ୍ସବ।

ନାମାଚାର୍ଯ୍ୟ ଶ୍ରୀମଦ୍ ବାୟାବାବାଙ୍କ ୧୨୧ତମ ଜନ୍ମ ମହୋତ୍ସବ ତାଙ୍କ ଜନ୍ମ ମାଟି ରାଜନଗରର କେରଡାଗଡଠାରେ ପାଳନ କରାଯାଇଛି। ଏହି ଉପଲକ୍ଷେ କେରଡାଗଡସ୍ଥିତ ଶ୍ରୀ କଳ୍ପତରୁ ସେବାସଂଘ ଆନୁକୂଲ୍ୟରେ ଶୁକ୍ରବାର ପ୍ରତ୍ୟୁଷରୁ ୨୪ ପ୍ରହର ନାମଯଜ୍ଞ କରାଯିବା ସହିତ ଶ୍ରୀମଦ୍ ବାୟାବାବାଙ୍କ ଜୟନ୍ତୀ ପାଳନ କରାଯାଇଥିଲା। ଆୟୋଜିତ ଆଧାତ୍ମିକ କାର୍ଯ୍ୟକ୍ରମରେ ଜିଲା ବିଜେଡି ସଭାପତି ଧ୍ରୁବ ସାହୁ, ବିଧାୟକ ଅଂଶୁମାନ ମହାନ୍ତି, ପୂର୍ବତନ ବିଧାୟକ ଅଲେଖ କୁମାର ଜେନା, ଆପିକଲ ଅଧକ୍ଷ କୃତ୍ତିବାସ ପାତ୍ରଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ଯୋଗଦେଇ ବାୟାବାବାଙ୍କ ଆଧାତ୍ମିକ ଭାବଧାରା ଉପରେ ଆଲୋଚନା କରିଥିଲେ। ଏହାଛଡା ଆସନ୍ତାବର୍ଷ ମାର୍ଚ୍ଚ ୮ରୁ ୧୨ ତାରିଖ ପର୍ଯ୍ୟନ୍ତ ରାଜ୍ୟସ୍ତରୀୟ ବାୟାବାବାଙ୍କ ଭକ୍ତ ସମ୍ମିଳନୀ କେରଡାଗଡଠାରେ ଆୟୋଜିତ କରାଯିବାକୁ ନିଷ୍ପତ୍ତି ନିଆଯାଇଥିଲା। ଏହି କାର୍ଯ୍ୟକ୍ରମକୁ କୈଳାସ ଚନ୍ଦ୍ର ପରିଡା, କୈଳାସ ଚନ୍ଦ୍ର ମହାନ୍ତି, ଅରୁଣ କୁମାର ରାଉତ, ଅରୁଣ କୁମାର ସାହୁ, ରଘୁନାଥ ଦାସ, କପିଳଚନ୍ଦ୍ର ଦାସ ପ୍ରମୁଖ ପରିଚାଳନା କରିଥିଲେ। ସେହିପରି ମହିଁଷାସୁରସ୍ଥିତ ବାୟାବାବା ମଠ ଏବଂ ଗୁଲୁଦିଆ ବାୟାବାବାଙ୍କ ଆଶ୍ରମରେ ବାବାଙ୍କ ଜନ୍ମଜୟନ୍ତୀ ପାଳିତ ହୋଇଯାଇଛି । ଏହି ଅବସରରେ ଶ୍ରୀମଦ ବାୟାବାବାଙ୍କ ଫଟୋଚିତ୍ରକୁ ସୁସଜ୍ଜିତ ରଥରେ ରାଜନଗର ବଜାର ଓ ଗ୍ରାମ ପରିକ୍ରମା କରାଯାଇଥିଲା।

## ବାର୍ଦ୍ଧକ୍ୟ ଭତ୍ତା ବଣ୍ଟନରେ ଅନିୟମିତତା

ପଟ୍ଟାମୁଣ୍ଡାଇ,୨୮।୧୨ (ସ୍ୱ.ପ୍ର)

ପଟ୍ଟାମୁଣ୍ଡାଇ ବ୍ଲକର ବଡପଡା ପଞ୍ଚାୟତରେ ବାର୍ଦ୍ଧକ୍ୟ ଭତ୍ତା ବଣ୍ଟନରେ ଅନିୟମିତା ହୋଇଥିବା ଅଭିଯୋଗ ହୋଇଛି । ହିତାଧିକାରୀମାନେ ଦର୍ଶାଇଛନ୍ତି ଯେ ସେମାନଙ୍କର ୬ ମାସର ଓ ୩ ମାସର ଭତ୍ତା ମଞ୍ଜୁର ହୋଇଛି । କିନ୍ତୁ ଚଳିତ ମାସ ୧୭ ତାରିଖରେ ଅନୁଷ୍ଠିତ ପିଠା କାର୍ଯ୍ୟକ୍ରମରେ କେତେକ ହିତାଧିକାରୀଙ୍କୁ ୧ ମାସର, ୨ମାସର ଭତ୍ତା ପ୍ରଦାନ କରାଯାଇଛି । ଭତ୍ତା ବାବଦ ଅବଶିଷ୍ଟ ଟଙ୍କା କେବେ ମିଳିବ ତାହା ମଧ୍ୟ ପଞ୍ଚାୟତ କାର୍ଯ୍ୟ ନିର୍ବାହୀ ଅଧିକାରୀ ବଂଶୀଧର ପାତ୍ର କହି ନ ଥିଲେ । ପଡୋଶୀ ବଡମୋହନପୁର, ଦିହୁଡିପୁର ପଞ୍ଚାୟତର ହିତାଧିକାରୀମାନଙ୍କୁ ୬ ମାସର ଭତ୍ତା ପ୍ରଦାନ କରାଯାଇ ଥିବା ବେଳେ ବଡପଡା ପଞ୍ଚାୟତରେ ଏହାର ବ୍ୟତିକ୍ରମ କରାଯାଇଛି । ହିତାଧିକାରୀ ଗୋବିନ୍ଦ ନାୟକଙ୍କୁ ୬ ମାସର ଭତ୍ତା ମିଳିବାକୁ ଥିବା ବେଳେ ସେ ମାସକର ଭତ୍ତା ପାଇଛନ୍ତି । ମଙ୍ଗୁଳି ଦାସଙ୍କୁ ୩ ମାସର ଭତ୍ତା ମିଳିବାକୁ ଥିବା ବେଳେ ୨ମାସର ଭତ୍ତା ପାଇଛନ୍ତି । ସେହିପରି ବାସନ୍ତୀ ନାୟକ, ଜୟନ୍ତୀ ବାରିକ, ସୁଦର୍ଶନ ନାୟକ, ବିଜୟ ପରିଡା, ଉପେନ୍ଦ୍ର ସେଠୀ, ସତ୍ୟଭାମା ସେଠୀ, କାଶୀନାଥ ପରିଡା, ରଙ୍ଗଲତା ମହାନ୍ତି, ସନାତନ ସାହାଣୀଙ୍କ ସମେତ ୬୯ଜଣ ନୂତନ ଭତ୍ତାଧାରୀଙ୍କ ଭତ୍ତା ଟଙ୍କା ସମ୍ପୂର୍ଣ୍ଣ ମିଳିନାହିଁ । ଏଥିନେଇ ସେମାନେ ଶୁକ୍ରବାର ପଟ୍ଟାମୁଣ୍ଡାଇ ବିଡିଓଙ୍କୁ ଭେଟି ଲିଖିତ ଅଭିଯୋଗ କରିବା ସହିତ ସମ୍ପୂର୍ଣ୍ଣ ଭତ୍ତା ଟଙ୍କା ପ୍ରଦାନ ପାଇଁ ଦାବି କରିଛନ୍ତି । ଏ ସମ୍ପର୍କରେ ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ଉଦାର ସୁନ୍ଦର ସ୍ୱାଇଁଙ୍କୁ ପଚାରିବାରେ ବଡପଡା ପଞ୍ଚାୟତର ୬୯ଜଣ ହିତାଧିକାରୀଙ୍କୁ ଭତ୍ତା ବଣ୍ଟନ ପାଇଁ ପିଇଓଙ୍କୁ ଦାୟିତ୍ୱ ଦିଆଯାଇଥିଲା । କିନ୍ତୁ କାହିଁକି ସମ୍ପୂର୍ଣ୍ଣ ଭତ୍ତା ବଣ୍ଟନ କରାଯାଇନାହିଁ ତାର ଖୋଳତାଡ କରାଯିବ। ପଞ୍ଚାୟତର ପିଇଓ ବଂଶୀଧର ପାତ୍ରଙ୍କୁ ପଚାରିବାରେ ଶନିବାର ସମସ୍ତଙ୍କୁ ଭତ୍ତା ବାଣ୍ଟି ଦେବି ବୋଲି କହିଥିଲେ ।

## ଅତଡ଼ା ଖସି ହରିଜନ ସାହି ପ୍ରତି ବିପଦ : ଘେରିବନ୍ଧ ଶିଳାନ୍ୟାସ


ଅନ୍ୟମାନଙ୍କ ଗହଣରେ ବିଧାୟକ ଅଂଶୁମାନ ମହାନ୍ତି ଶିଳାନ୍ୟାସ କରୁଛନ୍ତି।

ରାଜନଗର,୨୮।୧୨(ଡିଏନଏ)

ରାଜନଗର ଦେଇ ପ୍ରବାହିତ ହଂସୁଆ ନଦୀର ତଟ ପରିବର୍ତ୍ତନ ଯୋଗୁ ରାଜନଗର ହରିଜନ ସାହି ନିକଟରେ ଅତଡା ଖସି ଉକ୍ତ ସାହି ପ୍ରତି ବିପଦ ସୃଷ୍ଟି ହୋଇଛି। ଏହି ସାହିକୁ ସୁରକ୍ଷା ଦେବା ପାଇଁ ୬୦ ଲକ୍ଷ ଟଙ୍କା ବ୍ୟୟରେ ଏକ ଘେରିବନ୍ଧ ନିର୍ମାଣ କରାଯିବ। ଶୁକ୍ରବାର ଏହି ବନ୍ଧ ନିର୍ମାଣ ପାଇଁ ଶିଳାନ୍ୟାସ କରାଯାଇଥିଲା। ରାଜନଗର ବିଧାୟକ ଅଂଶୁମାନ ମହାନ୍ତି ମୁଖ୍ୟଅତିଥି ଭାବେ ଯୋଗଦେଇ ଏହି ପ୍ରକଳ୍ପର ଶିଳାନ୍ୟାସ କରିଥିଲେ। ଏହି କାର୍ଯ୍ୟକ୍ରମରେ ରାଜନଗର ସରପଞ୍ଚ ପ୍ରଭାତ ଚନ୍ଦ୍ର ମିଶ୍ର, ସମିତିସଭ୍ୟ ସତ୍ୟବାନ ସେଠୀ, ବ୍ଲକ କଂଗ୍ରେସ ସଭାପତି ଚୌଧୁରୀ ରବିନ୍ଦ୍ର କୁମାର ରାଉତରାୟ, ସନ୍ତୋଷ କୁମାର ମହାନ୍ତି, ଅନନ୍ତ ଚରଣ ସେଠୀ, ବାସୁଦେବ ପାଣି ପ୍ରମୁଖ ଉପସ୍ଥିତ ଥିଲେ।

■ ସପ୍ତମ ଡେରାବିଶ ମହୋତ୍ସବର ଚତୁର୍ଥ ସନ୍ଧ୍ୟା

## ଭାଇଚାରାର ବାର୍ତ୍ତା ବହନ କରିଛି ଡେରାବିଶ ମହୋତ୍ସବ

ଡେରାବିଶ,୨୮।୧୨(ସ୍ୱ.ପ୍ର.)



ମହୋତ୍ସବରେ ଉପସ୍ଥିତ ଅତିଥିମାନେ।

ଡେରାବିଶର ପ୍ରାଚୀନ ଐତିହ୍ୟ ଓ ସଂସ୍କୃତି ମହାନ୍ । ଡେରାବିଶ ମହୋତ୍ସବ ଏହାକୁ ସମୃଦ୍ଧ କରିବା ସହ ଭାଇଚାରାର ବାର୍ତ୍ତା ବହନ କରିଛି ବୋଲି ବରିଷ୍ଠ ଭାଜପା ନେତା ଅଧାପକ ଭୁବନମୋହନ ଜେନା ମତବ୍ୟକ୍ତ କରିଛନ୍ତି । ଡେରାବିଶ ସାଂସ୍କୃତିକ ସଂଗଠନ ଓ ଜିଲା ପ୍ରଶାସନର ମିଳିତ ଆନୁକୂଲ୍ୟରେ ଅନୁଷ୍ଠିତ ସପ୍ତମ ଡେରାବିଶ ମହୋତ୍ସବର ଶୁକ୍ରବାର ଥିଲା ଚତୁର୍ଥ ସନ୍ଧ୍ୟା । ଏହି ଉପଲକ୍ଷେ ପୂର୍ବତନ ସରପଞ୍ଚ ବିପିନ ବିହାରୀ ସାହୁଙ୍କ ଅଧକ୍ଷତାରେ ହୋଇଥିବା ଉତ୍ସବରେ ମୁଖ୍ୟଅତିଥି ଭାବେ ଅଧାପକ ଜେନା ଯୋଗଦେଇ ଉପରୋକ୍ତ ମତ ପ୍ରକାଶ କରିଥିଲେ । ସେ ଆହୁରି କହିଥିଲେ ଯେ, ସାମାଜିକ ଐକ୍ୟ ପ୍ରତିଷ୍ଠା ଦିଗରେ ଯୁବକଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି । ରାଷ୍ଟ୍ରପ୍ରେମ ଭାବନା ନେଇ ଗଠନମୂଳକ ଚିନ୍ତାଧାରା ଭିତରେ ଦେଶ ଗଠନରେ ସହାୟକ ହେବାକୁ ଡେରାବିଶ ମହୋତ୍ସବ ପ୍ରେରଣା ଯୋଗାଇଛି । ଏଥିରେ ସମ୍ମାନିତ ଅତିଥି ଭାବେ ପୂର୍ବତନ ବିଧାୟକ ଉତ୍କଳ କେଶରୀ ପରିଡା ଯୋଗଦେଇ ଏହି ମାଟିରେ ଜନ୍ମଗ୍ରହଣ କରିଥିବା ବରପୁତ୍ରମାନେ ନିଜର ବ୍ୟକ୍ତିତ୍ୱ ବଳରେ ଡେରାବିଶକୁ ସମଗ୍ର ରାଜ୍ୟରେ ଗୌରବାନ୍ୱିତ କରିଥିବା କହିଥିଲେ । ଏହି ଉତ୍ସବରେ ଚାଟରାଚକଡା ସରପଞ୍ଚ ପୂର୍ଣ୍ଣାନନ୍ଦ ବେହେରା ଅତିଥି ପରିଚୟ ପ୍ରଦାନ କରିଥିଲେ । ଗୌରାଙ୍ଗ ଚରଣ ସାହୁ ଧନ୍ୟବାଦ ଦେଇଥିଲେ । ଖୁର୍ସିଦ୍ ଆଲମ୍ ଖାଁ, ଅତୁଲ୍ୟ କୁମାର ରଥ, ଅନନ୍ତ ଚରଣ ଭୂୟାଁ, ନୀଳମଣି ବେହେରା, ତ୍ରିଲୋଚନ ରାଉତ, ସୁଚିସ୍ମିତା ରଥ ପ୍ରମୁଖ ଉତ୍ସବ ପରିଚାଳନାରେ ସହଯୋଗ କରିଥିଲେ । ଶେଷରେ ଆଶୁତୋଷ ମେଲୋଡି ଗ୍ରୁପ ଦ୍ୱାରା ସଙ୍ଗୀତ ପରିବେଷଣ କରାଯାଇଥିଲା।

ଧରିତ୍ରୀ
DHARITRI
ଭୁବନେଶ୍ୱର, ଶନିବାର, ୨୯ ଡିସେମ୍ବର, ୨୦୧୮



ଗୋଟିଏ ମାତ୍ର ଜାତି ଅଛି, ତାହା ମାନବ ଜାତି ଗୋଟିଏ ମାତ୍ର ଧର୍ମ ଅଛି, ତାହା ପ୍ରେମ ଧର୍ମ।
ଗୋଟିଏ ମାତ୍ର ଭାଷା ଅଛି, ତାହା ହୃଦୟର ଭାଷା। ଜଣେ ମାତ୍ର ଈଶ୍ୱର ଅଛନ୍ତି ସେ ସର୍ବବ୍ୟାପୀ।
- ସତ୍ୟସାଇ ବାବା



## ସଂକ୍ଷେପରେ

### ଫେରାର ଅଭିଯୁକ୍ତଙ୍କ ଗିରଫ ଦାବିରେ ଧାରଣା

**କଳିଙ୍ଗନଗର, ୨୮।୧୨ (ଡି.ଏନ୍.ଏ):** କଳିଙ୍ଗନଗର ମହୋତ୍ସବ ସମୟରେ ସୁକିନ୍ଦା ବିଧାୟକ ପ୍ରୀତିରଞ୍ଜନ ଘଡାଇଙ୍କ ସପକ୍ଷ ଓ ଯଖପୁରା ସରପଞ୍ଚଙ୍କ ଗୋଷ୍ଠୀ ମଧ୍ୟରେ ସୃଷ୍ଟି ହୋଇଥିବା ବିବାଦ ତୀବ୍ରରୂପ ନେବାରେ ଲାଗିଛି। ଏହାକୁ ନେଇ ଶୁକ୍ରବାର ଯଖପୁରା ସରପଞ୍ଚ କାଞ୍ଚନବାଳାଙ୍କ ନେତୃତ୍ୱରେ ଶତାଧିକ ଯୁବତୀଯୁବକ ଯଖପୁରାସ୍ଥିତ ବିଜୁ ପାର୍କ ସମ୍ମୁଖରେ ଧାରଣା ଦେବା ସହ ଉକ୍ତ ଘଟଣାରେ ଫେରାର ଅଭିଯୁକ୍ତଙ୍କୁ ଗିରଫ ପାଇଁ ଦାବି କରିଛନ୍ତି। ପ୍ରକାଶ, ଯେ ମହୋତ୍ସବ ସମୟରେ ବିଧାୟକ ଓ ସରପଞ୍ଚଙ୍କ ଗୋଷ୍ଠୀ ମଧ୍ୟରେ ବିବାଦ ଦେଖାଦେଇଥିଲା। ଏ ନେଇ ଜଖପୁରାଥାନାରେ ୨ଟି ପୃଥକ ମାମଲା ମଧ୍ୟ ରୁଜୁ ହୋଇଛି। କିନ୍ତୁ ଉଭୟ ଗୋଷ୍ଠୀର ଗଣ୍ଡଗୋଳକାରୀ ଫେରାର ଥିବାରୁ କାହାରିକୁ ପୋଲିସ ଗିରଫ କରି ପାରିନାହିଁ।

### ଅଗ୍ନିକାଣ୍ଡରେ ଜଳିଗଲା ଧାନ ଗଦା

**ଚଢେଇଧରା, ୨୮।୧୨(ଡି.ଏନ୍.ଏ.):** ଧର୍ମଶାଳା ତହସିଲ ଅନ୍ତର୍ଗତ ଚକ୍ରଧରପୁର ପଞ୍ଚାୟତ ଅଧୀନ ନୂଆଗଡ ଗ୍ରାମରେ ଶୁକ୍ରବାର ସନ୍ଧ୍ୟାରେ ଅଗ୍ନିକାଣ୍ଡରେ ଦିଲୀପ ବେହେରା ଓ ଚନ୍ଦ୍ରମଣି ଜେନାଙ୍କ ଦୁଇ ଧାନ ଗଦା ଜଳିଯାଇଛି। ଗ୍ରାମବାସୀ ନିଆଁକୁ ଆୟତ କରିବାକୁ ଚେଷ୍ଟା କରିଥିଲେ ମଧ ସଫଳ ହୋଇ ପାରି ନ ଥିଲେ। ଖବର ପାଇ ଚଢେଇଧରା ଦମକଳ ବାହିନୀ ପହଞ୍ଚି ନିଆଁକୁ ଆୟତ କରିଥିଲେ। ବିଦ୍ୟୁତ୍ ସର୍ଟସର୍କିଟ୍‌ରୁ ଅଗ୍ନିକାଣ୍ଡ ଘଟିଥିବା ଅନୁମାନ କରାଯାଉଛି।

### ଇଣ୍ଡୋ ପକ୍ଷରୁ ପ୍ରାଣୀ ଚିକିତ୍ସା ଶିବିର

**କାଳିଆପାଣି, ୨୮।୧୨(ଡି.ଏନ୍.ଏ.):** ଇଣ୍ଡୋ କମ୍ପାନୀ ଓ ବଂଶୀଧର ଇଲ୍ଲାପଣ୍ଡା ଫାଉଣ୍ଡେଶନ ପକ୍ଷରୁ ଶୁକ୍ରବାର କାଙ୍କଡ଼ପାଳଠାରେ ଗୃହପାଳିତ ପ୍ରାଣୀ ଚିକିତ୍ସା ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରରେ କାଙ୍କଡ଼ପାଳ ଗ୍ରାମର ୧୬୦୦ରୁ ଊର୍ଦ୍ଧ୍ୱ ଗୋରୁ, ଛେଳି ମେଣ୍ଢା ପ୍ରଭୃତି ଗୃହପାଳିତ ପଶୁଙ୍କ ରୋଗ ପରୀକ୍ଷା କରାଯାଇ ଭ୍ୟାକସିନ ଓ ଔଷଧ ବଣ୍ଟନ କରାଯାଇଛି। କାର୍ଯ୍ୟକ୍ରମକୁ ଶ୍ରମିକ ସଂଘ ସମ୍ପାଦକ ନାରାୟଣ ଚନ୍ଦ୍ରଧୀର ଓ ସ୍ଥାନୀୟ ସରପଞ୍ଚ ସବିତା ମହାନ୍ତ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ। ପୂର୍ବତନ ସୁକିନ୍ଦା ବ୍ଲକ ଅଧ୍ୟକ୍ଷା ଭଗବତୀ ମହାନ୍ତ, ସମିତି ସଭ୍ୟା ରଶ୍ମୀରେଖା ପରିଡ଼ା, ଯୁବନେତା ପ୍ରଭାତ ପ୍ରଧାନ ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗ ଦେଇଥିଲେ। ସୁକିନ୍ଦା ବ୍ଲକ ପ୍ରାଣୀ ଚିକିତ୍ସାଧିକାରୀ ସୁଖେନ୍ଦୁ ରାୟଙ୍କ ନେତୃତ୍ୱରେ ଅତିରିକ୍ତ ପ୍ରାଣୀ ଚିକିତ୍ସକ ଶୁଭ୍ରାଶ୍ରୀ ନାୟକ, ନକୁଳ ପରିଡ଼ା, ବେଣୁଧର ଗୁରୁ, ମଳୟ ମହାନ୍ତ, ଜଦୁ ହେମ୍ବ୍ରମ, କମଳକାନ୍ତ ନାୟକ, ମିନକେତନ ରଥଙ୍କ ସମେତ ଗୋମିତ୍ରମାନେ ସହଯୋଗ କରିଥିଲେ। ଇଣ୍ଡୋ କମ୍ପାନୀର ମାନବ ସମ୍ବଳ ପରିଚାଳକ ମିଲନ ରଞ୍ଜନ କରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଲୋକ ସମ୍ପର୍କ ପରିଚାଳକ ଜଗନ ମୋହନ ମଲ୍ଲିକ, ସନ୍ଦୀପ ମିଶ୍ର, ଦିପକ ମହାନ୍ତି, ହେମଲତା ମହାନ୍ତ, ସାମାଜିକ କର୍ମୀ ସନ୍ତୋଷ ପରିଡ଼ା, ପଞ୍ଚାନନ ପରିଡ଼ା, ପୂର୍ବତନ ସରପଞ୍ଚ ଶରତ ପରିଡ଼ା ପ୍ରମୁଖ ଉପସ୍ଥିତଥିଲେ।

### ଯାଜପୁର ଜିଲ୍ଲା କଂଗ୍ରେସ କମିଟି ପୁନର୍ଗଠିତ

**ବିରଜାକ୍ଷେତ୍ର, ୨୮।୧୨(ଡି.ଏନ୍.ଏ)** ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି ସଭାପତି ନିରଞ୍ଜନ ପଟ୍ଟନାୟକଙ୍କ ଅନୁମୋଦନ କ୍ରମେ ଯାଜପୁର ଜିଲ୍ଲା କଂଗ୍ରେସ କମିଟି ପୁନର୍ଗଠିତ ହୋଇଛି। ନବଗଠିତ କମିଟିରେ ୧୮ଜଣ ଉପସଭାପତି, ଜଣେ କୋଷାଧ୍ୟକ୍ଷ, ଜଣେ ମୁଖପାତ୍ର, ଜଣେ ମିଡ଼ିଆ ପ୍ରଭାରୀ, ୩୧ଜଣ ସାଧାରଣ ସମ୍ପାଦକ, ୪୭ ଜଣ ସମ୍ପାଦକଙ୍କୁ ରଖାଯାଇଛି। ଏହାସହିତ ଜିଲ୍ଲାର ସମସ୍ତ ବରିଷ୍ଠ ନେତୃମଣ୍ଡଳୀ, ସ୍ଥାୟୀ ନିମନ୍ତ୍ରିତ ସଭ୍ୟ, ଜିଲ୍ଲାର ସମସ୍ତ ପିସିସି ସଭ୍ୟ, ଏଆଇସିସି ସଭ୍ୟ, ସମସ୍ତ ସାମୁଖ୍ୟର ମୁଖ୍ୟ, ନିର୍ବାଚନମଣ୍ଡଳୀ, ୱାର୍ଡ଼ରେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଜନବିରୋଧି କାର୍ଯ୍ୟକ୍ରମ ସମ୍ପର୍କରେ ଜନସାଧାରଣଙ୍କୁ ଅବଗତ କରାଇବେ ବୋଲି କୁହାଯାଇଛି। ୨୦୧୯ ସାଧାରଣ ନିର୍ବାଚନରେ ଜିଲ୍ଲାରେ କଂଗ୍ରେସର ମହାସଂଗ୍ରାମରେ ଦୃଢ଼ ଭାବରେ କାର୍ଯ୍ୟ କରିବେ ବୋଲି ଜିଲ୍ଲା କଂଗ୍ରେସ ସଭାପତି ମନୋଜ ରାଉତ ଏକ ପ୍ରେସ୍ ବିଜ୍ଞପ୍ତିରେ ପ୍ରକାଶ କରିଛନ୍ତି।

---

■ ପଥର ଖାଦାନ ପାଇଁ ପ୍ରଥମ କରି ଜନଶୁଣାଣି ଆଜି

# ସଫଳ କରିବାକୁ ଷଡ଼ଯନ୍ତ୍ର

**ଯାଜପୁର ଅଫିସ, ୨୮।୧୨**

ଧର୍ମଶାଳା ତହସିଲରେ ଏକ ପଥର ଖାଦାନ ପାଇଁ ପ୍ରଥମ କରି ସର୍ବସାଧାରଣ ଶୁଣାଣି ଧର୍ମଶାଳା ଭବନଠାରେ ଶନିବାର ଅନୁଷ୍ଠିତ ହେବ। ତେବେ ପ୍ରସ୍ତାବିତ ଅଞ୍ଜିରା ଖାଦାନ ଅଞ୍ଚଳରେ ଶୁଣାଣି ନ କରି ସେଠାରୁ ପ୍ରାୟ ୨୦ କି.ମି. ଦୂରରେ ଥିବା ଧର୍ମଶାଳା ଭବନରେ କିଭଳି ଶୁଣାଣି ହେଉଛି ତାହା ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। କେତେକ ଭଡାଟିଆ ଲୋକ ଓ ସରକାରୀ ଅଧିକାରୀଙ୍କୁ ନିୟୋଜିତ କରି ଶୁଣାଣିକୁ ସଫଳ କରିବାକୁ ଏଭଳି ଷଡ଼ଯନ୍ତ୍ର ଚାଲିଥିବା ଅଭିଯୋଗ ଉଠିଛି।

ଲଘୁ ଖଣିଜ ଆଇନର ନୂଆ ସଂଶୋଧନ ସୂଚନା ସଂଖ୍ୟା ଜେ୧୩୦୧୨/୧୨/୨୦୧୩-୧ଏ-୧୧/୨୪।୧୨।୨୦୧୩ ଅନୁଯାୟୀ ୨୫ରୁ ୫୦ ହେକ୍ଟର ଅଞ୍ଚଳ ମଧ୍ୟରେ ରହିଥିଲେ ପରିବେଶ ସ୍ୱୀକୃତିର ନିହାତି ଆବଶ୍ୟକ ରହିଛି। ସେହିପରି ପ୍ରସ୍ତାବିତ ଖଣିର ଉପାନ୍ତ ଅଞ୍ଚଳ ୫୦୦ ମିଟରରୁ ଅନ୍ୟ ଏକ ଖଣିର ଉପାନ୍ତ ଅଞ୍ଚଳ ପର୍ଯ୍ୟନ୍ତ ଓ ସମଗ୍ର ଲିଜ ଅଞ୍ଚଳ ୨୫ ହେକ୍ଟରରୁ କମ୍ ହୁଏ ତେବେ ମଧ ପରିବେଶ ସ୍ୱୀକୃତି ପାଇଁ ଆବେଦନ କରିପାରିବେ। ଏହିକ୍ରମରେ ଯାଜପୁର ଜିଲ୍ଲା ଧର୍ମଶାଳା ତହସିଲ ଅନ୍ତର୍ଗତ ଅଞ୍ଜିରା ଗ୍ରାମରେ ୧୮.୪୧ ହେକ୍ଟର (୩୬.୮୨ ହେକ୍ଟର କ୍ଲଷ୍ଟର ଅଞ୍ଚଳ) ପରିମିତ ଅଞ୍ଚଳରେ ଅବସ୍ଥିତ ଅଞ୍ଜିରା ପଥର ଖାଦାନ( ବି.ଏସ.କ୍ୟୁ ନଂ-୧) ନିମନ୍ତେ ରାଜ୍ୟ ପରିବେଶ ମୂଲ୍ୟାଙ୍କନ କର୍ତ୍ତୃପକ୍ଷଙ୍କୁ ତପନ କୁମାର ନାୟକ ପରିବେଶ ମଞ୍ଜୁରୀ ପାଇଁ ଆବେଦନ କରିଛନ୍ତି। ଏଥିପାଇଁ ଆବଶ୍ୟକ ପଡୁଥିବା ସର୍ବସାଧାରଣ ଶୁଣାଣି ଆସନ୍ତା ୨୯।୧୨।୨୦୧୮ ପୂର୍ବାହ୍ନ ୧୧ଟାରେ ଧର୍ମଶାଳା ଭବନରେ ହେବାକୁ ଧାର୍ଯ୍ୟ ହୋଇଛି। ତେବେ ଏଥିପାଇଁ ଆବେଦନକାରୀଙ୍କ ପକ୍ଷରୁ ପ୍ରସ୍ତୁତ କାର୍ଯ୍ୟ ନିର୍ବାହ ସାରାଂଶରେ କର୍ତ୍ତୃପକ୍ଷଙ୍କୁ ଭୁଆଁ ବୁଲାଇବାକୁ ଉଦ୍ୟମ ହୋଇଥିବା ସ୍ପଷ୍ଟ ଜଣାପଡିଛି। ଏହାକୁ କାର୍ଯ୍ୟକାରୀ କରିବାକୁ ଖାଦାନ ପାଇଁ ପ୍ରଭାବିତ ହେଉଥିବା ଲୋକଙ୍କୁ ଠିକ ଭାବେ ସୂଚନା ଦିଆଯାଇ ନାହିଁ। ମାଇକ ଯୋଗେ ପ୍ରଚାର ମଧ ହୋଇନାହିଁ। ଶୁଣାଣିର ଗୋଟିଏ ଦିନ ପୂର୍ବରୁ ଶୁକ୍ରବାର ସନ୍ଧ୍ୟା ସୁଦ୍ଧା ଅଞ୍ଜିରା ଓ ଏହାର ଆଖପାଖ ଲୋକେ ଶୁଣାଣି ସମ୍ପର୍କରେ ଜାଣି ନ ଥିବା ପ୍ରକାଶ କରିଛନ୍ତି। ଉଲ୍ଲେଖଯୋଗ୍ୟ ଯେ, ପରିବେଶଗତ ଅନୁମତି ନ ଥିବାରୁ ଡଙ୍କାରୀ ପାହାଡ଼ର ୬ଟି ପଥର ଖାଦାନକୁ ଗତ ୧୫।୧୦।୨୦୧୮ରେ ଜିଲ୍ଲା ପ୍ରଶାସନ ପକ୍ଷରୁ ସିଲ କରାଯାଇଛି। ଏଥିସହ ଡଙ୍କାରୀ ପାହାଡରେ ୧୪୪ଧାରା ଜାରି ହୋଇଛି। ଦୀର୍ଘ ୨୦ବର୍ଷରୁ ଊର୍ଦ୍ଧ୍ୱ କାଳ ଧରି ବିନା ପରିବେଶଗତ ଅନୁମତିରେ ଏଠାରୁ ବାର୍ଷିକ କୋଟିକୋଟି ଟଙ୍କାର ପଥର ଉତ୍ତୋଳନ ହୋଇଛି। ଏଥିପାଇଁ ଜରିମାନା ଆଦାୟ କରିବାକୁ ପ୍ରଶାସନ ନିଷ୍ପତ୍ତି ନେଇଥିଲେ ହେଁ ତାକୁ ଏବେ ଚପାଇ ଦେବାକୁ ଉଦ୍ୟମ କରାଯାଉଛି। ଏହିକ୍ରମରେ ଜଣେ ପଥର ବ୍ୟବସାୟୀ ସର୍ବସାଧାରଣ ଶୁଣାଣି କରି ପରିବେଶ ଅନୁମତି ନେବାକୁ ପଦକ୍ଷେପ ନେଇଛନ୍ତି।



■ ପ୍ରସ୍ତାବିତ ସ୍ଥାନରୁ ୨୦ କି.ମି. ଦୂରରେ ଶୁଣାଣି
■ ଭଡାଟିଆ ଲୋକ ଓ ସରକାରୀ ଅଧିକାରୀଙ୍କୁ ହାତ କରାଯାଇଥିବା ଅଭିଯୋଗ

ତେବେ ଶୁଣାଣିର ନୀତିନିୟମକୁ କେତେଦୂର ପାଳନ କରାଯାଉଛି ତାହା ଦେଖିବାକୁ ବାକି ରହିଛି। ଶୁଣାଣି ଦାୟିତ୍ୱରେ ଥିବା ଅଧିକାରୀମାନେ ଏହାକୁ କିପରି ଭାବେ ଗ୍ରହଣ କରୁଛନ୍ତି ତାହା ଶୁଣାଣିରେ ଉପସ୍ଥିତ ଥିବା ଲୋକଙ୍କ ମତାମତରୁ ସ୍ପଷ୍ଟ ହେବ। ପୂର୍ବରୁ ଏହି ଶୁଣାଣି ପାଇଁ ପ୍ରସ୍ତୁତ ହୋଇଥିବା ସାରାଂଶରେ ଲିଜ ଅଞ୍ଚଳ ମଧ୍ୟରେ କୌଣସି ଜନବସତି ନାହିଁ ବୋଲି ଦର୍ଶାଯାଇଛି। ହେଲେ ଅଞ୍ଜିରା ଖାଦାନକୁ ଲାଗି ବାଉଁଶଡୋଳ, ମୁକୁନ୍ଦପୁର ଓ ଶ୍ୟାମସୁନ୍ଦରପୁର ଗ୍ରାମ ରହିଛି। ଯେଉଁଠାରେ ପ୍ରାୟ ୪ହଜାର ଲୋକ ବସବାସ କରୁଛନ୍ତି। ଏପରିକି ଏହି ଅଞ୍ଜିରା ପାହାଡରେ ରାଜନେତାଙ୍କ ଛତ୍ରଛାୟା ତଳେ ରହି ପରିବେଶ ମଞ୍ଜୁରି ବିନା ଜୋରସୋର ପଥର ଉତ୍ତୋଳନ ଚାଲିଛି। ଏ ସଂକ୍ରାନ୍ତରେ ଅତିରିକ୍ତ ଜିଲାପାଳ ମିହିର ପ୍ରସାଦ ମହାନ୍ତିଙ୍କୁ ପଚାରିବାରୁ, ଜନଶୁଣାଣି ପରିଚାଳନା କରିବାକୁ ତାଙ୍କୁ ନିର୍ଦ୍ଦେଶ ହୋଇଛି। ସ୍ଥାନ ଓ ସମୟ ନିର୍ଦ୍ଧାରଣ କରିବା ତାଙ୍କ କାର୍ଯ୍ୟ ନୁହେଁ। ଯାହାକିଛି କାଗଜପତ୍ର ଦେଖି କହିହେବ ବୋଲି ସେ କହିଛନ୍ତି।

---

କୁଆଖିଆ ମହୋତ୍ସବର ୬ଷ୍ଠ ସନ୍ଧ୍ୟା

## ମେଲୋଡି ତାଳେତାଳେ ନାଚିଲେ ଦର୍ଶକ

**ରସୁଲପୁର, ୨୮।୧୨(ଡିଏନଏ)**

ଯାଜପୁର ଜିଲାର ବହୁ ପୁରାତନ ୬୪ତମ କୁଆଖିଆ ଲକ୍ଷ୍ମୀନାରାୟଣ ଉତ୍ସବ ଅବସରରେ ଶୁକ୍ରବାର ଥିଲା ୧୧ତମ କୁଆଖିଆ ମହୋତ୍ସବର ୬ଷ୍ଠ ସନ୍ଧ୍ୟା। ସାଂସ୍କୃତିକ ମଞ୍ଚରେ ମେଲୋଡି କାର୍ଯ୍ୟକ୍ରମ ଜରିଆରେ ଦର୍ଶକଙ୍କୁ ଆକର୍ଷିତ କରାଯାଉଛି। ପ୍ରତ୍ୟେହ ଦର୍ଶକଙ୍କ ରୁଚିକୁ ଦୃଷ୍ଟି ଦେଇ ନୂଆନୂଆ କାର୍ଯ୍ୟକ୍ରମ ପରିବେଷଣ କରାଯାଉଛି। ଫଳରେ ମହୋତ୍ସବ ମଞ୍ଚ ସାଧାରଣରେ ଚର୍ଚ୍ଚାର କେନ୍ଦ୍ରବିନ୍ଦୁ ପାଲଟିଛି। ଶୁକ୍ରବାର ମହମ୍ମଦ ଅଜିଜ୍ ଓ ଚିତ୍ତଜେନା ସ୍ମୃତି ସନ୍ଧ୍ୟା ପକ୍ଷରୁ ପରିବେଷଣ କରାଯାଇଥିବା ମେଲୋଡି ବେଶ୍ ମନଛୁଆଁ ହୋଇପାରିଛି। କଣ୍ଠଶିଳ୍ପୀଙ୍କ ଦ୍ୱାରା ପୁରୁଣା ହିନ୍ଦି ଓ ଓଡ଼ିଆ ସଂଗୀତର ମୂର୍ଚ୍ଛନାରେ ଝୁମିଥିଲେ ଦର୍ଶକ। ପ୍ରବଳ ଶୀତ ସତ୍ତ୍ୱେ ସମହୋତ୍ସବ ପଡିଆରେ ଦର୍ଶକଙ୍କ ଭିଡ ପରିଲକ୍ଷିତ ହୋଇଥିଲା। ଶ୍ରଦ୍ଧାଳୁମାନେ ପଡିଆରେ ମେଳିଥିବା ଚାଟ୍ ଗୁପ୍‌ଚୁପ୍‌ର ସ୍ୱାଦ ଚାଖିବା ସହ ଦୋଳିର ମଜା ଉଠାଇଥିଲେ। ମହୋତ୍ସବକୁ ଶାନ୍ତିଶୃଙ୍ଖଳାର ସହ ସମାପନ କରାଯାଉଛି। କମିଟି ସଭାପତି ଅରୁଣ ସାହୁ କାର୍ଯ୍ୟକ୍ରମକୁ ତଦାରଖ କରୁଛନ୍ତି। ଏହି ଅବସରରେ ଶୁକ୍ରବାରଠାରୁ ଅପେରା ପାର୍ଟି ପକ୍ଷରୁ ଯାତ୍ରା ପରିବେଷଣ କରାଯାଉଛି।

---

■ ହାରୋ ପବ୍ଲିକ ସ୍କୁଲ ବାର୍ଷିକୋତ୍ସବ

## 'ଚରିତ୍ର ଗଠନର ପଥ ହେଉ ସତ୍ୟ ଧର୍ମ'




ବାର୍ଷିକୋତ୍ସବରେ ମଞ୍ଚାସୀନ ଅତିଥି।

**ବିରଜାକ୍ଷେତ୍ର, ୨୮।୧୨(ଡି.ଏନ୍.ଏ)**

ଯାଜପୁର ସହରର ତାରାମଦନରେ ଅବସ୍ଥିତ ହାରୋ ପବ୍ଲିକ୍ ସ୍କୁଲର ବାର୍ଷିକ ଉତ୍ସବ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟ ଅଧ୍ୟକ୍ଷ ଦେବୀପ୍ରସନ୍ନ ପତିଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥିଭାବେ ପୂର୍ବତନ ପ୍ରଶାସକ ବିମ୍ବାଧର ଧଳ ଯୋଗଦେଇ ଚରିତ୍ର ପାଇଁ ମନୁଷ୍ୟ ସମାଜରେ ଚିରନ୍ତନ ହୋଇରହିଛି। ସତ୍ୟ ଧର୍ମକୁ ଚରିତ୍ର ଗଠନର ପଥ ଭାବେ ବାଛି ନେବାକୁ ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କୁ ଧଳ ପରାମର୍ଶ ଦେଇଥିଲେ। ସମ୍ମାନିତ ଅତିଥିଭାବେ ପଣ୍ଡିତ କୃଷ୍ଣଚନ୍ଦ୍ର ମିଶ୍ର ଯୋଗଦେଇ ପିଲାମାନେ ଭଲ ମଣିଷ ହେବା ପାଇଁ ଗୃହ ହିଁ ପ୍ରକୃଷ୍ଟ ସ୍ଥାନ ବୋଲି କହିଥିଲେ। ବିଦ୍ୟା ମଣିଷର ସର୍ବଶ୍ରେଷ୍ଠ ଜିନିଷ ବୋଲି ମିଶ୍ର କହିଥିଲେ। ଯାଜପୁର ବାର ଆସୋସିଏଶନ୍ ସଭାପତି ମଧୁସୂଦନ ମାହୁନ୍ତ, ସେକ୍ ରିଜୁଆନ ପ୍ରମୁଖ ଅନ୍ୟତମ ସମ୍ମାନିତ ଅତିଥିଭାବେ ଯୋଗ ଦେଇଥିଲେ। ବାର୍ଷିକ ଉତ୍ସବରେ ବିଦ୍ୟାଳୟ ଅଧ୍ୟକ୍ଷ ହରିଶ ଚନ୍ଦ୍ର କର ସ୍ୱାଗତ ଭାଷଣ ଦେଇଥିଲେ। ଅଧ୍ୟକ୍ଷ ଦେବୀ ପ୍ରସନ୍ନ ପତି କାର୍ଯ୍ୟକ୍ରମମାନଙ୍କୁ ପରିଚାଳନା କରିଥିଲେ। ଉପାଧ୍ୟକ୍ଷ ସରିତା ଦେ, ବିଜ୍ଞାନ ବିଭାଗ ମୁଖ୍ୟ ମନୋଜ କୁମାର ପାଣିଗ୍ରାହୀ, ନିବେଦିତା ବିଶ୍ୱାଳ, ପ୍ରଦୀପ ଦୋବାଇ, ଜ୍ଞାନେନ୍ଦ୍ର ମହାନ୍ତି, ଗୁରୁ ଚରଣ ସ୍ୱାଇଁ, ବନ୍ଦିତା ସାହୁ, ପ୍ରତାପ ବେହୁରିଆ, ଟୁକ୍ ଟୁକ୍ ବୋଷ, କବିତା ସାହୁ, ରୂପଶ୍ରୀ ବେହୁରିଆ, ଶୁଭସ୍ମିତା ମିଶ୍ର, ସ୍ନିଗ୍ଧାଞ୍ଜଳି ଜେନା, ସମାପିକା ମିଶ୍ର, ରାଜେନ୍ଦ୍ର ପଣ୍ଡା, ଦିଲିପ ଆଚାର୍ଯ୍ୟ, ନିରଞ୍ଜନ ସାହୁ ପ୍ରମୁଖ ବିଭିନ୍ନ ରଙ୍ଗାରଙ୍ଗ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ଏହି ଅବସରରେ ସ୍କୁଲର ଗତବର୍ଷ ବିଭିନ୍ନ ଶ୍ରେଣୀରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରୀଛାତ୍ରଙ୍କୁ ରୌପ୍ୟ ଭୂଷଣ ଦେଇ ସମ୍ମାନିତ କରାଯାଇଥିଲା। ଏହି ବାର୍ଷିକୋତ୍ସବରେ ସ୍କୁଲର ଅଭିଭାବକ ତଥା ଆମନ୍ତ୍ରିତ ଦର୍ଶକଙ୍କୁ ସ୍ୱତନ୍ତ୍ର ଭାବେ ବିଭିନ୍ନ ପୁସ୍ତକ ଉପହାର ରୂପେ ପ୍ରଦାନ କରାଯାଇଥିଲା। ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ଉତ୍ସବ ଗତ ୨୬ରୁ ଆରମ୍ଭ ହୋଇ ୨୮ ତାରିଖ ଶେଷ ହୋଇଥିଲା।

---

## ଦୁର୍ଘଟଣାରେ ଜଣେ ମୃତ, ୨ଗୁରୁତର

**ବିରଜାକ୍ଷେତ୍ର/ରସୁଲପୁର, ୨୮।୧୨ (ଡି.ଏନ୍.ଏ)**

ଯାଜପୁର ସଦର ଥାନା ଅନ୍ତର୍ଗତ ବରୁଆଁ-ବ୍ରହ୍ମବରଦା ରାସ୍ତାର ଶଙ୍ଖମଠ ନିକଟରେ ଶୁକ୍ରବାର ୨ ବାଇକ୍ ମୁହାଁମୁହିଁ ଧକ୍କା ହୋଇଥିଲା। ଫଳରେ ଘଟଣାସ୍ଥଳରେ ଜଣଙ୍କର ମୃତ୍ୟୁ ଘଟିଥିବା ବେଳେ ୨ଜଣ ଆହତ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ଜଣଙ୍କ ଅବସ୍ଥା ଗୁରୁତର ହେବାରୁ ତାଙ୍କୁ କଟକ ସ୍ଥାନାନ୍ତର କରାଯାଇଛି। ମୃତକ ଜଣକ ହେଲେ ଯାଜପୁର ସଦର ଥାନା ଅଧୀନ ମଙ୍ଗରାଜପୁର ପଞ୍ଚାୟତ ଜମାଲପୁର ଗ୍ରାମର ଅର୍ଜୁନୀ ନାୟକଙ୍କ ପୁଅ ଶଙ୍କର(୩୦)। ସୂଚନା ଯେ, ଶଙ୍କର ସେହି ଗ୍ରାମର ନୃସିଂହ ମହାନ୍ତିଙ୍କ ପୁଅ ପରମେଶ୍ୱର(୨୮)ଙ୍କ ସହ ମଧ୍ୟାହ୍ନରେ ଯାଜପୁରରୁ କାମ ସାରି ବାଇକ୍ ଯୋଗେ ଫେରୁଥିବା ବେଳେ ଶଙ୍ଖମଠ ନିକଟରେ ବିପରୀତ ଦିଗରୁ ଚିତାହଟା ଗ୍ରାମର ପ୍ରମୋଦ କୁମାର ରାଉତ ସେମାନଙ୍କୁ ଧକ୍କା ଦେଇଥିଲେ। ଫଳରେ ଘଟଣାସ୍ଥଳରେ ଶଙ୍କରଙ୍କର ମୃତ୍ୟୁ ଘଟିଥିଲା। ଗୁରୁତର ଯୁବକଙ୍କୁ ଚିକିତ୍ସା ନିମନ୍ତେ ଯାଜପୁର ମୁଖ୍ୟ ଡାକ୍ତରଖାନାକୁ ଅଣାଯାଇଥିବା ବେଳେ ଗୁରୁତର ଥିବା ପରମେଶ୍ୱରଙ୍କୁ କଟକ ସ୍ଥାନାନ୍ତର କରାଯାଇଛି। ଦୁର୍ଘଟଣାରେ ଆହତ ହୋଇଥିବା ପ୍ରମୋଦ ରାଉତ ଯାଜପୁର ମୁଖ୍ୟ ଡାକ୍ତରଖାନାରେ ଚିକିତ୍ସିତ ହେଉଛନ୍ତି। ଏ ସମ୍ପର୍କରେ ମୃତ ଯୁବକଙ୍କ ଭାଇ ଚନ୍ଦ୍ରମଣି ନାୟକ ଥାନାରେ ଅଭିଯୋଗ କରିଛନ୍ତି। ଅଭିଯୋଗକୁ ଭିତ୍ତି କରି ପୋଲିସ ଏକ ମାମଲା (ନଂ-୨୪୨/୧୮) ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଛି।

---

■ ରାଜ୍ୟସ୍ତରୀୟ ଯାଜପୁର ପୁସ୍ତକମେଳାର ୬ଷ୍ଠ ସନ୍ଧ୍ୟା

## 'ପୁସ୍ତକର ବିକଳ୍ପ ଇ-ବୁକ୍ସ ହୋଇପାରିବ ନାହିଁ'

**ବିରଜାକ୍ଷେତ୍ର, ୨୮।୧୨(ଡି.ଏନ୍.ଏ)**

ଅନନ୍ୟା ସାହିତ୍ୟ ସଂସଦ ଓ ଯାଜପୁର ଜିଲ୍ଲା ପ୍ରଶାସନର ମିଳିତ ଆନୁକୂଲ୍ୟରେ ୧୦ମ ରାଜ୍ୟସ୍ତରୀୟ ଯାଜପୁର ପୁସ୍ତକମେଳାର ୬ଷ୍ଠ ସନ୍ଧ୍ୟା ଅନନ୍ୟା ସାହିତ୍ୟ ସଂସଦ ସଭାପତି ସନ୍ତୋଷ କୁମାର ନନ୍ଦଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଉଦ୍‌ଘାଟକ ଭାବେ ଯାଜପୁର ଜିଲାର ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଅକ୍ଷୟ କୁମାର ଦାସ ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନ କରିବା ସହ ମା' ବିରଜାଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ କରିଥିଲେ। ସଙ୍ଗଠନ ସମ୍ପାଦକ ହୃଷିକେଶ ପତି ସ୍ତୋତ୍ରପାଠ କରିଥିଲେ। ଉପସଭାପତି ବିଭୂତି ଭୂଷଣ ମହାପାତ୍ର ଅତିଥିଙ୍କୁ ସ୍ୱାଗତ କରିବା ସହ ପରିଚୟ ପ୍ରଦାନ କରିଥିଲେ। ସମ୍ପାଦକ କାହ୍ନୁଚରଣ ମିଶ୍ର ୧୦ମ ପୁସ୍ତକମେଳା ସମ୍ପର୍କରେ ବିସ୍ତୃତ ବିବରଣୀ ପ୍ରଦାନ କରିଥିଲେ। ଉଦ୍‌ଘାଟକଭାବେ ଯାଜପୁର ଜିଲ୍ଲା ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଅକ୍ଷୟ କୁମାର ଦାସ ଯୋଗଦେଇ ପୁସ୍ତକ ପ୍ରାରମ୍ଭରେ ପ୍ରସ୍ତରର ଶିଳାଲିପି ରାଜାଙ୍କର ବିଜୟଗାଥା ବହନ କରୁଥିଲା। ପୁସ୍ତକର ବିକଳ୍ପ ଇ-ବୁକ୍ସ ହୋଇପାରିବ ନାହିଁ ବୋଲି କହିଥିଲେ। ରାଜ୍ୟ ପାଠ୍ୟପୁସ୍ତକ ପ୍ରଣୟନ ସଂସ୍ଥାର ନିର୍ଦ୍ଦେଶକ ସିଦ୍ଧାର୍ଥ ଧଳ ଯୋଗଦେଇ ଲେଖକର ରଚନା ଯଦି ସୃଜନଶୀଳ ହୁଏ ଯାହା ପାଠକର ମନକୁ ଛୁଇଁପାରେ। ଏବଂ ତାହା ପ୍ରକୃତରେ ଏକ ଶିକ୍ଷଣୀୟ ବିଷୟ ହୋଇଥାଏ ବୋଲି କହିଥିଲେ। ମୁଖ୍ୟବକ୍ତାଭାବେ ସାମ୍ବାଦିକ ସତ୍ୟପ୍ରକାଶ ନାୟକ ଯୋଗଦେଇ ଯାଜପୁର ନାରୀକୁ ଉଚିତ୍‌ଠାରୁ ଅଧିକ ସମ୍ମାନ ଦିଏ ବୋଲି କହିଥିଲେ। ସମ୍ମାନିତ ଅତିଥିଭାବେ ସର୍ବଶିକ୍ଷା ଅଭିଯାନର ପ୍ରକଳ୍ପ ସଂଯୋଜକ ବିଷ୍ଣୁଚରଣ ସୂତାର, ଆଇନଜୀବୀ ହିମାଂଶୁ ଲେଙ୍କା ଯୋଗ ଦେଇଥିଲେ। ସାଂସ୍କୃତିକ ସମ୍ପାଦକ ପାଣ୍ଡବ ଚରଣ ସାହୁ ସମସ୍ତ ସାଂସ୍କୃତିକ କାର୍ଯ୍ୟକ୍ରମ ପରିଚାଳନା ସହିତ ଧନ୍ୟବାଦ ଅର୍ପଣ କରିଥିଲେ। ଅପରାହ୍ନ ଅଧିବେଶନରେ ବରିଷ୍ଠ ଓ କନିଷ୍ଠ ବର୍ଗରେ ତର୍କ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏହାପରେ ଦ୍ୱିତୀୟ ଭାଗରେ କବି ସମ୍ମିଳନୀ ଓ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଥିଲା। ଏହି କବିତା ପାଠୋତ୍ସବକୁ କବି ମନୋଜ କୁମାର ନାଥ, ବିଷ୍ଣୁ ଚଳେଇ, ଜିତେନ୍ଦ୍ର ବେହେରା, କବି ଦଶରଥ ସାମଲ, ଲକ୍ଷ୍ମୀପ୍ରିୟା ରାଉତରାୟ, ପ୍ରଭାତ ମଲ୍ଲିକ ପ୍ରମୁଖ ସଂଯୋଜନା କରିଥିଲେ। ଏହି କବି ସମ୍ମିଳନୀରେ ପଞ୍ଚାନନ ଜେନା, ପ୍ରେମଲତା ବେହୁରିଆ, ନବକିଶୋର ଦାସ, କେଶରୀ ପ୍ରସାଦ ମହାନ୍ତି, ଅନୁସୂୟା ପଣ୍ଡା, ରଜତ କୁମାର ସାହୁ, ମୋନାଲିସା ବେହେରା, ପ୍ରିୟଙ୍କା ପାଢ଼ୀ ପ୍ରମୁଖ ସ୍ୱରଚିତ କବିତା ପାଠ କରିଥିଲେ। ମୁକ୍ତ କୁଇଜ୍ ପ୍ରତିଯୋଗିତାକୁ ପ୍ରଫେସର ଉଦୟ ନାରାୟଣ ପରିଡ଼ା, ବିନୋଦ ଚନ୍ଦ୍ର ନାୟକ, ସୁବାସ ମହାପାତ୍ର, ଅଶୋକ କୁମାର ଦାଶ ପ୍ରମୁଖ ପରିଚାଳନା କରିଥିଲେ। ପ୍ରତିଯୋଗୀଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ଏହି ଅବସରରେ ବିଶିଷ୍ଟ ଲେଖକ ଜୟ ଦୟାଲ ଗୋୟଲକାଙ୍କ ପୁସ୍ତକର ଅନୁବାଦକ ତ୍ୟାଗ ସ୍ୱରୂପାନନ୍ଦଜୀଙ୍କ ପୁସ୍ତକ 'ନିଷ୍କାମ ଶ୍ରଦ୍ଧା ଓ ପ୍ରେମ'କୁ ମୁଖ୍ୟ ଅତିଥି ଉନ୍ମୋଚନ କରିଥିଲେ।



ପୁସ୍ତକମେଳାରେ ମଞ୍ଚରେ ଉପସ୍ଥିତ ଅତିଥିବୃନ୍ଦ।

---

■ ସୁକିନ୍ଦା କପ୍ ବ୍ୟାଡମିଣ୍ଟନ ଟୁର୍ନାମେଣ୍ଟ ଉଦ୍‌ଯାପିତ

## ହିମାଂଶୁ, ସେଖ ୟାସିନ୍ ଯୋଡି ଚାମ୍ପିୟନ

**ସୁକିନ୍ଦା, ୨୮।୧୨(ଡି.ଏନ୍.ଏ.)**

ସୁକିନ୍ଦା ମିନା ବଜାର ପଡ଼ିଆରେ ଆୟୋଜିତ ପ୍ରଥମ ବାର୍ଷିକ ସୁକିନ୍ଦା କପ୍ ବ୍ୟାଡ୍‌ମିଣ୍ଟନ ଟୁର୍ନାମେଣ୍ଟ ଗୁରୁବାର ଉଦ୍‌ଯାପିତ ହୋଇଯାଇଛି। ଏହି ଅସରରେ ଅନୁଷ୍ଠିତ ଫାଇନାଲ ମ୍ୟାଚ୍‌ରେ ସୁକିନ୍ଦାର ହିମାଂଶୁ ପାତ୍ର ଓ ସେଖ ୟାସିନ୍‌ଙ୍କ ଯୋଡି ଜୀବନାନନ୍ଦ ବେହୁରା ଓ ଅବଦୁଲ ମଜିଦ ଖାନଙ୍କ ଯୋଡିକୁ (୨-୧)ସେଟ୍‌ରେ ପରାସ୍ତ କରି ଚଳିତ ବର୍ଷର ଚାମ୍ପିୟାନ ହୋଇଛି। ସୁକିନ୍ଦାର ପ୍ରେଣ୍ଡ୍ସ କ୍ଲବ ଆନୁକୂଲ୍ୟରେ ପ୍ରଥମ ସେମିଫାଇନାଲ ମ୍ୟାଚ୍‌ରେ ହିମାଂଶୁ ପାତ୍ର ଓ ସେଖ ୟାସିନ୍ ଯୋଡି (୨-୦) ସେଟ୍‌ରେ ଅରବିନ୍ଦ ମହାପାତ୍ର ଓ ପାର୍ଟନର ବିଭୁଦତ୍ତ ଦାଶଙ୍କୁ ପରାସ୍ତ କରିଥିଲେ। ସେହିପରି ୨ୟ ସେମିଫାଇନାଲରେ ଜୀବନାନନ୍ଦ ବେହୁରା ଓ ଅବଦୁଲ ମଜିଦ୍ ଖାନ ଯୋଡି (୨-୦) ସେଟ୍‌ରେ ଶେଷଦେବ ରଥ ଓ ହେମନ୍ତ ସେଠୀଙ୍କୁ ପରାସ୍ତ କରି ଫାଇନାଲ ପର୍ଯ୍ୟାୟକୁ ଉନ୍ନୀତ ହୋଇଥିଲେ। ସୋମନାଥ କାନୁନଗୋ ଓ ଜୁଲଫିକର ଅଲ୍ଲୀ ସମସ୍ତ ମ୍ୟାଚ ପରିଚାଳନା କରିଥିଲେ। ଉଦ୍‌ଯାପନୀ ଉତ୍ସବରେ ରଜନୀକାନ୍ତ ଦ୍ୱିବେଦୀ ମୁଖ୍ୟ ଅତିଥିଭାବେ ଯୋଗ ଦେଇ ଚାମ୍ପିଆନ ଦଳକୁ ପୁରସ୍କାର ପ୍ରଦାନ କରିଥିଲେ। ସନ୍ତୋଷ ଦ୍ୱିବେଦୀ ଏବଂ ସାଜିଦ୍ ଖାଁ ସମ୍ମାନିୟ ଅତିଥି ଭାବେ ଯୋଗ ଦେଇଥିଲେ।



ଅତିଥିଙ୍କ ଗହଣରେ ଚାମ୍ପିୟନ ଟିମ୍।

---

■ ନୂଆବର୍ଷକୁ ଆଉ ୨ଦିନ ବାକି

# ସକ୍ରିୟ ମଦ ବେପାରୀ, ଶୋଇଛନ୍ତି ଅବକାରୀ ବିଭାଗ

**ରସୁଲପୁର, ୨୮।୧୨(ଡିଏନଏ)**

ଅନେକ ଘର ଉଜାଡୁଛି ମଦ। ସମାଜରେ ହିଂସା ଘଟାଇବା ସହିତ ଅନେକ ବେଆଇନ କାର୍ଯ୍ୟ କରିବାକୁ ଯୁବପୀଢ଼ିଙ୍କୁ ପରୋକ୍ଷରେ ପ୍ରେରିତ କରୁଛି। ଗାଁ ଗହଳିରେ ଗଢି ଉଠିଥିବା ଚୋରା ମଦ କାରବାରକୁ ଏଥିପାଇଁ ଦାୟୀ କରାଯାଉଛି। ଅବକାରୀ ବିଭାଗ ଚେଇଁ ଶୋଇଥିବାରୁ ମଦ ବିରୋଧୀ ଆନ୍ଦୋଳନ ଶାଣିତ ହେବାରେ ଲାଗିଛି। ଏ ସବୁ ଘଟଣା ସରକାର ଓ ଅବକାରୀ ବିଭାଗକୁ ପ୍ରଭାବିତ କରିପାରୁ ନାହିଁ। ଦିନକୁ ଦିନ ଆଇନକାନୁନ୍‌କୁ ଫାଙ୍କି ଗୋଟିକ ପରେ ଗୋଟିଏ ନିଷିଦ୍ଧାଞ୍ଚଳରେ ସରକାରୀ ମଦ ଦୋକାନ ଖୋଲୁଛି। ମଦ ଦୋକାନୀଙ୍କ ପ୍ରତ୍ୟେକ୍ଷ ଇଙ୍ଗିତରେ ଗାଁ ଗଣ୍ଡାରେ ବ୍ୟାପକ ବେଆଇନ ମଦ କାରବାର କରାଯାଉଛି। ଏହାକୁ ରୋକିବାରେ ବିଭାଗ ଅସମର୍ଥ ହୋଇଛି। ଏଭଳି ଘଟଣାରୁ ବାଦ୍ ପଡ଼ିନି ଧର୍ମଶାଳା ଅବକାରୀ ବିଭାଗ ଅଧୀନସ୍ଥ ରସୁଲପୁର ବ୍ଲକ। ନୂଆବର୍ଷକୁ ବାକି ରହିଛି ଆଉ ମାତ୍ର ୨ଟା ଦିନ। ଏହାକୁ ଦୃଷ୍ଟିରେ ରଖି ଚୋରା ମଦ ବ୍ୟବସାୟୀମାନେ ଛକ ବଜାରରେ ଥିବା ଦୋକାନ, ଘରବାଡିର ଗୁପ୍ତ ସ୍ଥାନରେ ମଦ ଲୁଚାଇ ରଖି ବିକ୍ରି କରୁଥିବା ଦେଖିବାକୁ ମିଳିଛି। ଏ ସମ୍ପର୍କରେ ଅବକାରୀ ବିଭାଗ ଥାଇ ବି କୌଣସି ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁନାହିଁ। ସମୟେ ସମୟେ ବିଭାଗ ନିଜ ସଫଳତା ଜାହିର କରିବାକୁ ଗାଁ ଗହଳିରେ ଥିବା କିଛି ମଦ ଆଡ୍ଡା ଉପରେ ଲୋକ ଦେଖାଣିଆ ଚଢାଉ କରୁଛି। ମାତ୍ର ବିପୁଳ ଚୋରା ମଦ କାରବାର ସ୍ଥାନକୁ ଅଣଦେଖା କରି ବିଭାଗ ଜାଣିଶୁଣି ଅଳ୍ପ ସଂଖ୍ୟକ ମଦ ଜବତ କରି ବେଆଇନ ମଦ ବ୍ୟବସାୟୀଙ୍କୁ ପ୍ରୋତ୍ସାହନ ଯୋଗାଉଛି। ମଦ ବ୍ୟବସାୟୀମାନେ ବିଭାଗର କିଛି ଅସାଧୁ କର୍ମଚାରୀଙ୍କୁ ହାତଗୁଞ୍ଜା ଦେଇ ଖସି ଯାଉଥିବା କୁହାଯାଉଛି। ଏହା ଏବେ ଏକ ସାଧାରଣ ଘଟଣାରେ ପରିଣତ ହୋଇଯାଇଛି। ଏହିକ୍ରମରେ ଦେଖିବାକୁ ଗଲେ ବ୍ଲକର ବାରବାଟୀରୁ କୁଆଖିଆ ବାଜାର ମଧ୍ୟରେ ଜାତୀୟ ରାଜପଥ କଡରେ ଅନେକ ସରକାରୀ ମଦ ଦୋକାନ ଗଢି ଉଠିଛି। ଏ ସମସ୍ତ ମଦ ଦୋକାନ ରାଜପଥଠାରୁ ୫୦୦ମିଟର ଦୂରତାରେ ରହିବା ନିୟମକୁ ଉଲ୍ଲଂଘନ କରୁଛି। ସେଥିରୁ କେତୋଟି ଦୋକାନ ଜନବସତି, ବିଦ୍ୟାଳୟ, ମନ୍ଦିର, ହାଟ ନିକଟରେ ରହିଛି। ହେଲେ ଏଥିପ୍ରତି ଗୁରୁତ୍ୱ ଦିଆ ନ ଯାଇ ମଦ ଦୋକାନ ଖୋଲିବାକୁ ଅନୁମତି ପ୍ରଦାନ କରାଯାଇଛି। ଏ ଦିଗରେ ଅବକାରୀ ବିଭାଗ ଟାଳଟୁଳ ନୀତି ଅବଲମ୍ବନ କରୁଛି। ବାଜର ସ୍ଥାନରେ ଥିବା ମଦ ବ୍ୟବସାୟୀମାନେ ଗାଁ ଗଣ୍ଡାରେ ଥିବା ବେଆଇନ ମଦ କାରବାରକୁ ପରିଚାଳନା କରୁଛନ୍ତି। ଅବକାରୀ ବିଭାଗ ପକ୍ଷରୁ ବେଳେବେଳେ ଚଢାଉ କରାଯାଇ ଚୋରା ମଦ ବ୍ୟବସାୟୀଙ୍କଠାରୁ କମ୍ ସଂଖ୍ୟକ ମଦ ଜବତ କରି ଜେଲରୁ ମୁକୁଳିବାର ବାଟ ଫିଟାଇ ଦେଉଛନ୍ତି। ଏପରି କି କେତେକ ସ୍ଥାନରେ ମଦ ବ୍ୟବସାୟୀମାନେ ମଦ ନେବା ଆଣିବାରେ ବ୍ୟବହାର କରୁଥିବା ଯାନବାହନକୁ ଜାଣିଶୁଣି ବିଭାଗୀୟ ଅଧିକାରୀମାନେ ଜବତ ନ କରି ଛାଡି ଦେଉଥିବା ଅଭିଯୋଗ ହେଉଛି। ଅନେକ ସମୟରେ ବିଭାଗୀୟ ଅଧିକାରୀମାନେ କର୍ମଚାରୀ ଅଭାବକୁ ଆଳ କରି ବେଆଇନ ମଦ କାରବାରକୁ ଅଣଦେଖା କରୁଛନ୍ତି। ଏ ସମ୍ପର୍କରେ ଧର୍ମଶାଳା ଅବକାରୀ ବିଭାଗର ଏସଆଇ ଲଚ୍ଛମନ ଦାସଙ୍କୁ ପଚାରିବାରୁ, ତାଙ୍କ ଅସୁସ୍ଥତା ଯୋଗୁ ବିଭାଗର ଅନେକ ଦାୟିତ୍ୱ ଏଏସଆଇ ଚକ୍ରଧର ଦାସଙ୍କୁ ପ୍ରଦାନ କରିଥିବା କହିଥିଲେ। ଏହାପରେ ଏଏସ୍ଆଇ ଚକ୍ରଧରଙ୍କୁ ଏଭଳି ତ୍ରୁଟି ବିଚ୍ୟୁତି ସମ୍ପର୍କରେ ପଚାରିବାରୁ ସେ କୌଣସି ସନ୍ତୋଷଜନକ ଉତ୍ତର ନ ଦେଇ ଘଟଣାକୁ ଏଡ଼ାଇ ଯାଇଥିଲେ।

■ ଗାଁ ଗଣ୍ଡାରେ ବଢୁଛି ବେଆଇନ ମଦ କାରବାର
■ ମଦ ଦୋକାନୀଙ୍କ ଇଙ୍ଗିତରେ ଗାଁରେ ବିକ୍ରି ହେଉଛି



ଆଜିର କର୍ତ୍ତବ୍ୟ ଯଦି ସମ୍ପାଦନା କର, କାଲିର କର୍ତ୍ତବ୍ୟ ତୁମ ଆଗରେ ସ୍ପଷ୍ଟ ହୋଇ ଉଠିବ।

- ଟମାସ କାର୍ଲାଇଲ



## ସଂକ୍ଷେପରେ

### କାର୍ ଓଲଟି ୨ ଗୁରୁତର

**କୋରେଇ,୨୮।୧୨(ସ୍ୱ.ପ୍ର.):** ପାଣିକୋଇଲି ଥାନା ୧୬ ନଂ. ଜାତୀୟ ରାଜପଥ ଟିକର ପୋଲ ନିକଟରେ ଶୁକ୍ରବାର ଅପରାହ୍ନରେ ଭୁବନେଶ୍ୱର ଆଡୁ ଆସୁଥିବା ଏକ କାର୍ (ଓଡି୦୨-ଏଏମ୍-୭୬୩୦) ଭାରସାମ୍ୟ ହରାଇ ରାସ୍ତା ପାର୍ଶ୍ୱରେ ଥିବା ଲୁହାବାଡ଼ରେ ପିଟି ହୋଇ ଡିଭାଇଡର ଉପରେ ଓଲଟି ପଡ଼ିଥିଲା। ଫଳରେ ଘଟଣାସ୍ଥଳରେ ୨ ଜଣ ଗୁରୁତର ହୋଇଛନ୍ତି। ଉଭୟଙ୍କୁ ପ୍ରଥମେ ଯାଜପୁରରୋଡ କ୍ଷେତ୍ରୀୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ସ୍ୱାସ୍ଥ୍ୟାବସ୍ଥା ଗୁରୁତର ହେବାରୁ ସେମାନଙ୍କୁ କଟକ ବଡ଼ ଡାକ୍ତରଖାନା ପଠାଯାଇଛି। କାର୍ ଚାଳକ ହେଉଛନ୍ତି ଯାଜପୁରରୋଡ ଥାନା ଅନ୍ତର୍ଗତ କୋପଣ୍ଡ ଗ୍ରାମର ସଦାନନ୍ଦ ବିଶ୍ୱାଳ। ତେବେ ଅନ୍ୟ ଜଣଙ୍କର ପରିଚୟ ମିଳିପାରିନାହିଁ। ଖବରପାଇ କୋରେଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ଦୁର୍ଘଟଣାଗ୍ରସ୍ତ କାର୍ ଜବତ କରିଛି।

### ଉଦୟବଟ ଶ୍ରେଷ୍ଠ ସାମ୍ବାଦିକ ସମ୍ମାନ ପାଇବେ ହର୍ଷବର୍ଦ୍ଧନ, ଶରତ

**ଯାଜପୁରରୋଡ,୨୮।୧୨(ନି.ପ୍ର.):** ଯାଜପୁରରୋଡର ସାପଗାଡ଼ିଆଠାରେ ଶୁକ୍ରବାର ଉଦୟବଟ କମିଟିର ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଉଦୟବଟ ସମ୍ପାଦକ ଦୁଷ୍ମନ୍ତ କୁମାର ରାଉତ ସଭାପତିତ୍ୱ କରିଥିଲେ। ବହୁ ପ୍ରସାରିତ ଓଡ଼ିଆ ଦୈନିକ ଖବରକାଗଜ 'ଧରିତ୍ରୀ'ର ଯାଜପୁର ଜିଲା ପ୍ରତିନିଧି ହର୍ଷବର୍ଦ୍ଧନ ବେହେରା ଓ 'ସୂର୍ଯ୍ୟପ୍ରଭା'ର ଯାଜପୁର ଜିଲା ପ୍ରତିନିଧି ତଥା କଳିଙ୍ଗନଗର ବୁଲେଟିନ୍‌ର ବାର୍ତ୍ତା ସମ୍ପାଦକ ଶରତ ପୋଥାଳଙ୍କୁ ଚଳିତବର୍ଷ 'ଉଦୟବଟ ଶ୍ରେଷ୍ଠ ସାମ୍ବାଦିକ ସମ୍ମାନ' ପ୍ରଦାନ କରାଯିବ ବୋଲି 'ଉଦୟବଟ' ସମ୍ପାଦକ ରାଉତ ବୈଠକରେ ସୂଚନା ଦେଇଛନ୍ତି। ଆସନ୍ତା ୩୦ ତାରିଖରେ 'ଉଦୟବଟ'ର ୧୫ତମ ବାର୍ଷିକ ଉତ୍ସବରେ ଏହି ସମ୍ମାନ ପ୍ରଦାନ କରାଯିବ। ଏତଦ୍‌ବ୍ୟତୀତ ପାରାଦୀପ ଅଞ୍ଚଳର ଖବରଦାତା ଚକ୍ରଧର ଦାଶ, ଯାଜପୁରରୋଡ ମଡେଲ ଥାନାଧିକାରୀ ଅମିତାଭ ମହାପାତ୍ର, ପାରାଦୀପ ବନ୍ଦରର ସୂଚନା ଅଧିକାରୀ ପ୍ରକାଶ ଚନ୍ଦ୍ର ଦାଶ, ସାମାଜିକ କର୍ମୀ ରାମଚନ୍ଦ୍ର ବାରିକ, ଦାମୋଦର ପ୍ରଧାନ, କମଳା ବୁକ୍ସର ପ୍ରୋପାଇଟର ବିନୟ ରାଉତଙ୍କ ସମେତ ସହ ଶିକ୍ଷୟିତ୍ରୀ ଅଙ୍ଗୁରବାଳା ରଥ ଓ ଲାଲବାହାଦୁର ମହାନ୍ତି ପ୍ରମୁଖଙ୍କୁ ଏଥିରେ ସମ୍ମାନିତ କରାଯିବ ବୋଲି ଦୁଷ୍ମନ୍ତ ସୂଚନା ଦେଇଛନ୍ତି।

### ରାଜ୍ୟ ପରିବହନ ନିଗମ କର୍ମଚାରୀଙ୍କ ପରଲୋକ

**ବାଲିଚନ୍ଦ୍ରପୁର,୨୮।୧୨(ସ୍ୱ.ପ୍ର.):** ବଡ଼ଚଣା ବ୍ଲକ ଚାରିନଙ୍ଗଳ ପଞ୍ଚାୟତ ପିରପାଟଣା ଗ୍ରାମର ରାଜ୍ୟ ପରିବହନ ନିଗମ କର୍ମଚାରୀ ଅଜୟ ମହାରଣା(୫୮)ଙ୍କର ଶୁକ୍ରବାର ହୃଦ୍‌ଘାତରେ ପରଲୋକ ହୋଇଛି। ସେ ଶୁକ୍ରବାର ସକାଳେ ହଠାତ୍ ଛାତିରେ ଯନ୍ତ୍ରଣା ଅନୁଭବ କରିବାରୁ ତାଙ୍କୁ କଟକ ବଡ଼ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ହେଲେ ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ଅଜୟଙ୍କ ମୃତ୍ୟୁ ହୋଇଥିବା ଜଣାପଡ଼ିଛି। ତାଙ୍କ ମୃତ୍ୟୁ ଖବରପାଇ ବଡ଼ଚଣା ବିଧାୟକ ଅମର ପ୍ରସାଦ ଶତପଥୀ, ଯଦୁମଣି ଦାସ, ସମିତି ସଭ୍ୟ ପ୍ରଫୁଲ୍ଲ ଦାସ, ସେକ୍ ମୋଇନ୍ ଅହମ୍ମଦ, ଚାରିନଙ୍ଗଳ ସେବା ସମବାୟ ସମିତି ସଭାପତି ପ୍ରତାପ ନାୟକ, ଗୋଲାମ୍ କବିରିୟା ଖାନ୍, ଧନେଶ୍ୱର ବଳ, ରଞ୍ଜିତ ସାମଲ, ବିଭୁଶଙ୍କର ପୃଷ୍ଟି ପ୍ରମୁଖ ଶୋକବ୍ୟକ୍ତ କରିଛନ୍ତି।

### ୩୫ଜଣଙ୍କୁ ବରିଷ୍ଠ ନାଗରିକ କାର୍ଡ

**ଯାଜପୁରରୋଡ଼,୨୮।୧୨(ନି.ପ୍ର.):** ଯାଜପୁରରୋଡ଼ ପୋଲିସ ପକ୍ଷରୁ ଥାନା ପରିସରରେ ଶୁକ୍ରବାର ବରିଷ୍ଠ ନାଗରିକଙ୍କ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଯାଜପୁର ଏସ୍‌ପି ଚରଣ ସିଂ ମିନା, ଯାଜପୁରରୋଡ଼ ଏସ୍‌ଡିପିଓ କେଦାର ନାଥ ସାହୁ, ଥାନାଧିକାରୀ ଅମିତାଭ ମହାପାତ୍ର ପ୍ରମୁଖ ଯୋଗଦେଇ ବରିଷ୍ଠ ନାଗରିକଙ୍କ ସୁରକ୍ଷା ସମ୍ପର୍କରେ ଆଲୋଚନା କରିଥିଲେ। ଏହି ଅବସରରେ ୩୫ଜଣଙ୍କୁ ବରିଷ୍ଠ ନାଗରିକ କାର୍ଡ ବଣ୍ଟନ କରାଯାଇଥିଲା। ପୂର୍ବତନ ପୌରାଧକ୍ଷା ସବିତା ରାଉତ, ପୂର୍ବତନ ଉପନଗରପାଳ ସୁବାସ ଚନ୍ଦ୍ର ବଳ, ଶିଶିର କୁମାର ରାଉତ, ଆମ ପୋଲିସ ସମିତି ସେକ୍ରେଟାରୀ ଚନ୍ଦ୍ରମଣି ସାମଲଙ୍କ ସମେତ ସବୁ ବରିଷ୍ଠ ନାଗରିକ ଉପସ୍ଥିତ ଥିଲେ।

## ମେସ୍କୋ ଷ୍ଟିଲ୍‌କୁ କାରଣ ଦର୍ଶାଅ ନୋଟିସ ମାମଲା

# ପ୍ରତିଶ୍ରୁତିରେ ସରିଲା ବ୍ୟକ୍ତିଗତ ଶୁଣାଣି

**ଯାଜପୁର ଅଫିସ,୨୮।୧୨**

ଓଡ଼ିଶା ସରକାର ଏବଂ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ(ଏସପିସିବି) ଶିଳ୍ପର ସବୁପ୍ରକାର ତ୍ରୁଟିକୁ ଆଖି ବୁଜି ଦେଇଥିବା ଅଭିଯୋଗ ହୋଇଆସୁଛି। କଳିଙ୍ଗନଗର ମେସ୍କୋ ଷ୍ଟିଲ କାରଖାନାକୁ ଗତ ଜୁଲାଇରେ କାରଣ ଦର୍ଶାଅ ନୋଟିସ ଜାରି କରିବା ସହ ବ୍ୟକ୍ତିଗତ ଶୁଣାଣିରେ ସମାଧାନ ମଧ୍ୟ କରିସାରିଛି। ପ୍ରଦୂଷଣ କାରଣର ବିଭିନ୍ନ ଦିଗ ଉପରେ ଆସନ୍ତା ଜାନୁୟାରୀ ଶେଷ ସୁଦ୍ଧା ଅନୁପାଳନ କରାଯିବ ବୋଲି ମେସ୍କୋ ପକ୍ଷରୁ ପ୍ରତିଶ୍ରୁତି ଦିଆଯାଇଛି। ଏହାପରେ ଫେବୃୟାରୀ ପ୍ରଥମ ସପ୍ତାହରେ କାରଣ ଦର୍ଶାଅ ନୋଟିସ ଉପରେ କାର୍ଯ୍ୟକାରୀ ହେଲା କି ନାହିଁ ସେ ନେଇ ଅନୁଧ୍ୟାନ କରାଯିବ ବୋଲି ଏସ୍‌ପିସିବି ପକ୍ଷରୁ ସୂଚିତ କରାଯାଇଛି। କାଗଜ କଲମରେ ଏଭଳି ପ୍ରକ୍ରିୟା ବର୍ଷ ବର୍ଷ ଧରି ଚାଲିଥିବାବେଳେ ମେସ୍କୋ ଚିମିନିରୁ କଳାଧୂଆଁ ବାହାରୁଥିବା ଅଞ୍ଚଳବାସୀ ଦେଖିବାକୁ ପାଉଛନ୍ତି।

ମେସ୍କୋ ଷ୍ଟିଲ କାରଖାନାକୁ ଚଳେଇବା ପାଇଁ ଏସ୍‌ପିସିବି ପକ୍ଷରୁ ୩୧।୩।୨୦୧୯ ତାରିଖ ପର୍ଯ୍ୟନ୍ତ ବିଭିନ୍ନ ସର୍ତ୍ତରେ ସମ୍ମତି ମିଳିଛି। ତେବେ ଏହି ସର୍ତ୍ତଗୁଡିକ ପାଳନ ହେଉଛି କି ନାହିଁ ସେ ନେଇ ଏସ୍‌ପିସିବି କଳିଙ୍ଗନଗର ଆଞ୍ଚଳିକ କାର୍ଯ୍ୟାଳୟ ପକ୍ଷରୁ ଗତ ଜୁଲାଇ ୬ ଓ ୭ରେ ନୀରିକ୍ଷଣ କରାଯାଇଥିଲା। କିନ୍ତୁ ଏସ୍‌ପିସିବିର ବିଭିନ୍ନ ସର୍ତ୍ତକୁ ମେସ୍କୋ ଅନୁପାଳନ କରି ନ ଥିବା ଦେଖିବାକୁ ମିଳିଥିଲା। ଏଥିପାଇଁ ଏସପିସିବି ପକ୍ଷରୁ ମେସ୍କୋକୁ କାରଣ ଦର୍ଶାଅ ନୋଟିସ ଜାରି କରାଯାଇଥିଲା। ଏହି କାରଣ ଦର୍ଶାଅ ନୋଟିସ ଉପରେ ମେସ୍କୋ ଗତ ୧୮।୮।୨୦୧୮ ଓ ୧୯।୧୧।୨୦୧୮ରେ ଉତ୍ତର ରଖିଥିଲା। ମାତ୍ର ଉତ୍ତର ସନ୍ତୋଷଜନକ ନ ହେବାରୁ ଗତ ୨୦।୧୨।୨୦୧୮ରେ ଏସ୍‌ପିସିବି ବ୍ୟକ୍ତିଗତ ଶୁଣାଣି ପାଇଁ ମେସ୍କୋ କର୍ତ୍ତୃପକ୍ଷଙ୍କୁ ଡାକିଥିଲା। ଏହି ବ୍ୟକ୍ତିଗତ ଶୁଣାଣିରେ କାରଣ ଦର୍ଶାଅ ନୋଟିସର ବିଭିନ୍ନ ଦିଗ ଜକ୍ସନ ହାଉସ, ମିକ୍ସର ହାଉସ ଓ ସିଣ୍ଟର ପ୍ଲାଣ୍ଟର ସ୍କ୍ରିନ ୟୁନିଟରେ ଫ୍ୟୁଗିଟିଭ ଏମିସନ ଉପରେ ଆଲୋଚନା ହୋଇଥିବା

### ଜାନୁୟାରୀ ୨୫ ସୁଦ୍ଧା ନିର୍ଦ୍ଦେଶର ଅନୁପାଳନ କରିବାକୁ ପ୍ରତିଶ୍ରୁତି



ଦେଖିବାକୁ ମିଳିଥିଲା। ସିଣ୍ଟର ପ୍ଲାଣ୍ଟର ଡି-ଡଷ୍ଟିଂ ଷ୍ଟେକରେ ମାନଦଣ୍ଡରୁ ସାଢେ ୪ଗୁଣ ଅଧିକ ଏକ ସ୍ୱତନ୍ତ୍ର ସାମଗ୍ରୀ ମିଳିଥିଲା। ଏମ୍ବିଏଣ୍ଟ ଏୟାର କ୍ୱାଲିଟି ୫ ନମ୍ବର ସ୍ଥାନରେ ପରିଚାଳିତ ହେଉଥିଲା। ତେଣୁ ପ୍ରୋଜେକ୍ଟ କାର୍ଯ୍ୟାଳୟ ଓ ରେଳୱେ ସାଇଡିଂ ଅଞ୍ଚଳରେ ପିଏମ୍୧୦ ମାନଦଣ୍ଡଠାରୁ ଅଧିକ ମିଳିଥିଲା। ରେଳୱେ ସାଇଡିଂ ଓ ବ୍ଲାଷ୍ଟ ଫର୍ନେସ ରାସ୍ତା କଂକ୍ରିଟକରଣ ହୋଇ ନ ଥିବା ଦେଖିବାକୁ ମିଳିଥିଲା। ରେଳୱେ ସାଇଡିଂରେ ପାଣି ସିଞ୍ଚନ ଯନ୍ତ୍ର ଅଚଳ ହୋଇଥିଲା। ଅନଲାଇନ ମନିଟରିଂ ଡାଟାରେ ତ୍ରୁଟି ପରିଲକ୍ଷିତ ହୋଇଥିଲା। କାରଖାନାରୁ ବୋହି ଯାଉଥିବା ପାଣିର ବିଶୋଧନ ପାଇଁ କୌଣସି ପଦକ୍ଷେପ ଗ୍ରହଣ ହୋଇ ନ ଥିବା ଆଦି ତ୍ରୁଟି ଉପରେ ବୋର୍ଡ କାରଣ ଦର୍ଶାଅ ନୋଟିସ ଜାରି କରିଥିଲା। ତେଣୁ ନିୟମିତ ଭାବେ ସମସ୍ତ ଅନଲାଇନ ମନିଟରିଂ ଷ୍ଟେଶନକୁ ଡାଟା ସଂଚାରଣ କରିବା ପାଇଁ ୧୫ଦିନରେ ଦୃଷ୍ଟାନ୍ତମୂଳକ ପଦକ୍ଷେପ ଗ୍ରହଣ କରିବାକୁ ବୋର୍ଡ ନିର୍ଦ୍ଦେଶ ଦେଇଥିଲା। ଏହାସହ କାରଖାନାର ଆଭ୍ୟନ୍ତରୀଣ ରାସ୍ତା, ବୋହି ଯାଉଥିବା ପାଣିର ବିଶୋଧନ ପ୍ରକ୍ରିୟା ଆଦି କାର୍ଯ୍ୟ କରିବାକୁ ବୋର୍ଡ ନିର୍ଦ୍ଦେଶ ଦେଇଛି। ଏ ସଂକ୍ରାନ୍ତରେ ବ୍ୟକ୍ତିଗତ ଶୁଣାଣିରେ ଉପସ୍ଥିତ ଥିବା ମେସ୍କୋ କାରଖାନାର ଦିଗାମ୍ବର ପଣ୍ଡା ଦର୍ଶାଇଥିଲେ ଯେ, ବର୍ତ୍ତମାନ ଇଏସ୍‌ପି ଫଳପ୍ରଦ ଭାବେ କାର୍ଯ୍ୟ କରୁଛି। ଏମ୍ବିଏନ ଏୟାର କ୍ୱାଲିଟିର ଉନ୍ନତି ପାଇଁ ବିଭିନ୍ନ ପଦକ୍ଷେପ ଗ୍ରହଣ କରାଯାଇଛି। ୯ଟି ପାଣି ସିଞ୍ଚନ ଯନ୍ତ୍ର କାରଖାନାରେ କାର୍ଯ୍ୟ କରୁଛି। ବୋହି ଯାଉଥିବା ପାଣିକୁ ବିଶୋଧନ କରିବାକୁ ପଦକ୍ଷେପ ଗ୍ରହଣ କରାଯାଉଛି ଏବଂ ଏହା ଆସନ୍ତା ୨୫।୧।୨୦୧୯ ତାରିଖ ସୁଦ୍ଧା ସମ୍ପୂର୍ଣ୍ଣ ହେବ। ନିୟମିତ ଡାଟା ସଞ୍ଚାଳନ ପାଇଁ ପଦକ୍ଷେପ ଗ୍ରହଣ କରାଯାଉଛି। କାରଖାନାର ଆଭ୍ୟନ୍ତରିଣ ରାସ୍ତା କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇଛି। ସେହିପରି କମ୍ପୋଷ୍ଟ ମେଶିନ ଓ ଏସଟିପି ଆଦି କାର୍ଯ୍ୟ ଆସନ୍ତା ଜାନୁୟାରୀ ସୁଦ୍ଧା ଶେଷ ହେବ ବୋଲି ପଣ୍ଡା ପ୍ରତିଶ୍ରୁତି ଦେଇଥିଲେ।

## ମୁଁ ହିରୋ ମୁଁ ଓଡ଼ିଶା କାର୍ଯ୍ୟକ୍ରମ

**କୋରେଇ,୨୮।୧୨(ସ୍ୱ.ପ୍ର.)**

କୋରେଇ ବ୍ଲକ ଅନ୍ତର୍ଗତ ଅନ୍ଧାରୀ ପଞ୍ଚାୟତର ବିଜୁ ଯୁବବାହିନୀ ପକ୍ଷରୁ କିଆପଦା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପରିସରରେ ଶୁକ୍ରବାର ମୁଁ ହିରୋ ମୁଁ ଓଡ଼ିଶା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ହେମନ୍ତ କୁମାର ବାହାଲିଆ ଅଧ୍ୟକ୍ଷତା କରିଥିଲେ। ଯାଜପୁର ଜିଲା ପରିଷଦ ଉପାଧ୍ୟକ୍ଷା ଅମୂଲ୍ୟବାଳା ପାତ୍ର ମୁଖ୍ୟ ଅତିଥିଭାବେ ଯୋଗଦେଇ କାର୍ଯ୍ୟକ୍ରମ ଉଦ୍‌ଘାଟନ କରିଥିଲେ। ସାମାଜିକ କର୍ମୀ ରାଜ କିଶୋର ମହାକୁଡ ସମ୍ମାନିତ ଅତିଥି, ସମିତିସଭ୍ୟ କୁଳମଣି ଦାସ, ଖବରଦାତା ପବିତ୍ର ମୋହନ ରାଉତରାୟ, ସମିତିସଭ୍ୟ ଅଶୋକ ବାରିକ, ନିରଞ୍ଜନ ବାରିକ, ବଳରାମ ସେଠୀ, ହଟେଶ୍ୱର ଦାସ, ସନାତନ ଜେନା ପ୍ରମୁଖ ଯୋଗ ଦେଇଥିଲେ। ଅନ୍ଧାରୀ ଯୁବବାହିନୀ କୋଷାଧ୍ୟକ୍ଷ ଅଭୟ ବାରିକ ଯୁବବାହିନୀର ଅଭିମୁଖ୍ୟ ସମ୍ପର୍କରେ ସୂଚନା ଦେଇଥିଲେ। ଆୟୋଜିତ ବିଭିନ୍ନ ପ୍ରତିଯୋଗିତାରେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ସଭାପତି ଅଶୋକ ରାଉତରାୟ, ସମ୍ପାଦକ ନିର୍ମଳ ଦାସ, ସଭ୍ୟ ମଳୟ ଦାସ, ମନୋଜ ଦାସ, ଅରବିନ୍ଦ ଦାସ, ମସୀର ଦାସ, ଉମେଶ ଦାସ, ରଞ୍ଜିତ ଦାସ, ପ୍ରମୋଦ ବାହାଲିଆ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ୪ର୍ଥ ଦିନରେ ଧର୍ମଶାଳା ମହୋତ୍ସବ

# ମନ୍ତ୍ରମୁଗ୍ଧ କଲା ଭଜନ ସନ୍ଧ୍ୟା




ଧର୍ମଶାଳା ମହୋତ୍ସବରେ ଭଜନ ସମାରୋହ।

**ଧର୍ମଶାଳା, ୨୮।୧୨(ଡି.ଏନ୍.ଏ.)**

ଜାରକାଠାରେ ଲକ୍ଷ୍ମୀନାରାୟଣଙ୍କ ଗଜ ଉଦ୍ଧାରଣ ପୂଜା ଅବସରରେ ଆୟୋଜିତ ଧର୍ମଶାଳା ମହୋତ୍ସବର ଚତୁର୍ଥ ସନ୍ଧ୍ୟାରେ ଶୁକ୍ରବାର ପ୍ରବଳ ଜନସମାଗମ ହୋଇଥିଲା। ଏହି ଅବସରରେ କଟକର ଭଜନ ସାଇ ସାର୍ଥକ କଳାକାରଙ୍କ ଦ୍ୱାରା ପରିବେଶିତ ଭଜନ ସଂଗୀତ ଦର୍ଶକଙ୍କୁ ମନମୁଗ୍ଧ କରିପାରିଥିଲା। ବିଶିଷ୍ଟ କଣ୍ଠଶିଳ୍ପୀ ଅନୂଶୟା ନାଥ, ରବୀ ମହାପାତ୍ର, ଆଲୋକ କୁମାର, ରଚିତା ସାହୁ ପ୍ରମୁଖ କଣ୍ଠଶିଳ୍ପୀଙ୍କ ଦ୍ୱାରା ପରିବେଶିତ ଆଧ୍ୟତ୍ମିକ ସଂଗୀତ ଦର୍ଶକଙ୍କ ମନରେ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି କରିପାରିଛି। ପ୍ରବଳ ଶୀତ ସତ୍ତ୍ୱେ ମହୋତ୍ସବ ପଡ଼ିଆରେ ବିଭିନ୍ନ ପ୍ରକାର ଦୋଳିର ପିଲାମାନେ ମଜା ଉଠାଇଥିଲେ। ଅପରପକ୍ଷେ ଦିନତମାମ ମେଳାରେ ପଡିଥିବା ଶୀତବସ୍ତ୍ର ବିକ୍ରେତାଙ୍କ ଦୋକାନରେ ବିଶେଷ ଗହଳି ଦେଖିବାକୁ ମଳିଥିଲା। ଜନସମାଗମକୁ ଦୃଷ୍ଟିରେ କମିଟି ପକ୍ଷରୁ ୨୦ଟି ସିସିଟିଭି ଲଗାଯାଇଥିବାବେଳେ ଧର୍ମଶାଳା ଥାନା ଅଧିକାରୀ ଉମାକାନ୍ତ ନାୟକ ମହୋତ୍ସବରେ ଉପସ୍ଥିତ ରହି ଶାନ୍ତିଶୃଙ୍ଖଳା ତଦାରଖ କରିଛନ୍ତି। କମିଟି ପକ୍ଷରୁ ସମ୍ପାଦକ ସତ୍ୟପ୍ରିୟ ମହାନ୍ତି, କାଶୀନାଥ ସାହୁ, ଆନନ୍ଦ ବିହାରୀ ନାୟକ, ଅଜୟ ନାୟକ, ଜଳଧର ସାହୁ, ଅନନ୍ତ ଚରଣ ପ୍ରଧାନ ପ୍ରମୁଖ ଶାନ୍ତି ଶୃଙ୍ଖଳା ରକ୍ଷା କରିବାରେ ସହେଯାଗ କରିଥିଲେ। ଶନିବାର ଚଣ୍ଡିଖୋଲର ବିଣାପାଣି କଳାପୀଠ ଓ ଯାଜପୁରର ଫ୍ରେଣ୍ଡ୍ସ ମ୍ୟାଜିକ ସୋ କଳାକାରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ ବୋଲି କମିଟି ପକ୍ଷରୁ ସୂଚନା ଦିଆଯାଇଛି।

### ୧୪ ଚିପ୍ସ, ବୋଲ୍ଡର ବୋଝେଇ ଗାଡ଼ି ଜବତ

**ଯାଜପୁରରୋଡ,୨୮।୧୨(ନି.ପ୍ର.):** ସ୍ଥାନୀୟ ଧବଳଗିରିଠାରେ ବ୍ୟାସନଗର ତହସିଲଦାର ଓ ଯାଜପୁରରୋଡ ପୋଲିସ ଗୁରୁବାର ବିଳମ୍ବିତ ରାତିରେ ଚଢ଼ାଉ କରି ୧୪ ଚିପ୍ସ ଓ ବୋଲ୍ଡର ବୋଝେଇ ଗାଡ଼ି ଜବତ କରିଛନ୍ତି। ସେଥିମଧ୍ୟରୁ ୯ଟି ହାଇୱା ଓ ୫ଟି ଟ୍ରକ୍ ଥିଲା। ଡ୍ରାଇଭର ସଠିକ୍ କାଗଜପତ୍ର ଦେଖାଇ ନ ପାରିବାରୁ ପୋଲିସ ଗାଡିଗୁଡ଼ିକୁ ଅଟକ ରଖି ତଦନ୍ତ ଚଳାଇଛି। ସୂଚନାଯୋଗ୍ୟ ଗାଡିଗୁଡ଼ିକ ବାଘୁଆ, ବାଲିସାହି, ଆରୁହା ଅଞ୍ଚଳରେ ଥିବା କ୍ରଶରରୁ ଯାଜପୁରରୋଡ ଦେଇ ବାଲେଶ୍ୱର ଯାଉଥିଲା। ଖବରପାଇ ତହସିଲଦାର ଓ ପୋଲିସ ଚଢାଉ କରିଥିଲେ।

## ଚୌପଦାରୀ କ୍ରିକେଟ୍ କପ୍: ଫାଇନାଲରେ ନିମପୁର

**ବାଲିଚନ୍ଦ୍ରପୁର,୨୮।୧୨(ସ୍ୱ.ପ୍ର.)**

ବଡ଼ଚଣା ବ୍ଲକ ବାଲିପଡ଼ିଆ ପଞ୍ଚାୟତସ୍ଥିତ ଚୌପଦାରୀ ପଡ଼ିଆରେ ଶୁକ୍ରବାର ଚୌପଦାରୀ କ୍ରିକେଟ କପ୍‌ର ସେମିଫାଇନାଲ ମ୍ୟାଚ୍ ଅନୁଷ୍ଠିତ ହୋଇଯାଇଛି। ପାରାଦୀପ କ୍ରିକେଟ୍ ଟିମ୍ ଓ ନିମପୁର କ୍ରିକେଟ୍ ଟିମ୍, ଜଗତପୁର ମଧ୍ୟରେ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା। ପାରାଦୀପ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୨୨ ଓଭରରେ ୯ ଉଇକେଟ୍ ହରାଇ ୧୪୫ ରନ୍ ସଂଗ୍ରହ କରିଥିଲା। ଜବାବରେ ନିମପୁର କ୍ରିକେଟ୍ ଟିମ୍ ୧୯ ଓଭରରେ ୧୪୯ ରନ୍ ସଂଗ୍ରହ କରି ବିଜୟୀ ହୋଇଥିଲା। ନିମପୁର କ୍ରିକେଟ୍ ଟିମ୍ କ୍ୟାପ୍‌ଟେନ୍ ସୁମିତ ବ୍ୟକ୍ତିଗତ ଭାବେ ୫୧ ରନ୍ କରି ମ୍ୟାନ୍ ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଥିଲେ। ବିନୋଦ ରାଉତ ଓ ପ୍ରତିମ୍ ନାୟକ ଖେଳ ପରିଚାଳନା କରିଥିବା ବେଳେ ଦେବାଶିଷ ରାଉତରାୟ, ମନୋଜ ଓଝା, ମହେନ୍ଦ୍ର ପାତ୍ର, ଶୁଭେନ୍ଦୁ ମହାନ୍ତି, ତୁଷାର ମହାନ୍ତି ପ୍ରମୁଖ ସହଯୋଗ କରିଥିଲେ।

## ମିଳିନି ପରିବେଶଗତ ମଞ୍ଜୁରୀ

# ମାସେ ହେଲା ଚାଲିଛି ଗଛକଟା

**କାଳିଆପାଣି, ୨୮।୧୨(ଡି.ଏନ୍.ଏ.)**

ସୁକିନ୍ଦା ନିର୍ବାଚନମଣ୍ଡଳୀର ଖଣି ଅଞ୍ଚଳକୁ ପାନୀୟଜଳ ଯୋଗାଣ ନିମନ୍ତେ ପାଇପ ବିଛାଯାଉଛି। ବନ ବିଭାଗର ବିନା ଅନୁମତିରେ ଠିକାଦାର ବ୍ୟାପକ ଜଙ୍ଗଲ ନଷ୍ଟକରି ପାଇପ ବିଛା କାର୍ଯ୍ୟ କରୁଛନ୍ତି। କୁସୁମଡିହାଠାରୁ ନଗଡା ପର୍ଯ୍ୟନ୍ତ ରହିଥିବା ଜଙ୍ଗଲରେ ବେପରୁଆ ଭାବେ ଜେସିବି ସାହାଯ୍ୟରେ ବହୁ ମୂଲ୍ୟବାନ ଗଛ କଟାଯାଉଥିବା ସ୍ଥାନୀୟ ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି।

ଜିଲା ଖଣିଜ ପାଣ୍ଠି ବୈଠକରେ ୪ବର୍ଷତଳେ ସୁକିନ୍ଦା ନିର୍ବାଚନମଣ୍ଡଳୀର ଖଣି ଅଞ୍ଚଳର ବିଭନ୍ନ ଗ୍ରାମକୁ ପାନୀୟ ଜଳ ଯୋଗାଣ ପାଇଁ ପ୍ରସ୍ତାବିତ ହୋଇଛି। ଢେଙ୍କାନାଳ ଜିଲା ଭୁବନ ଅଞ୍ଚଳର ନୀଳକଣ୍ଠପୁର ବ୍ରାହ୍ମଣୀ ନଦୀରୁ ଜଳ ଉଠାଯାଇ ଖଣି ଅଞ୍ଚଳର ସମସ୍ତ ଗ୍ରାମକୁ ଜଳ ଯୋଗାଣ କରାଯିବ। ଏଥିସହ ନୀଳକଣ୍ଠପୁରରୁ ଜଳ ଉଠାଇ କଙ୍କଡ଼ପାଳଠାରେ ସଞ୍ଚିତ କରିବା ପରେ ସେଠାରୁ ନଗଡ଼ା ଅଞ୍ଚଳକୁ ଯୋଗାଣ କରିବାକୁ ପ୍ରସ୍ତାବରେ ଗୃହିତ ହୋଇଛି। ଏ ନେଇ କିଛି ମାସ ହେବ ଠିକାଦାର ଦ୍ରୁତଗତିରେ ପାଇପ୍ ବିଛା କାମ ଅରମ୍ଭ କରିଛନ୍ତି। ତବେ ପାଇପ ବିଛାକାର୍ଯ୍ୟ ଜଙ୍ଗଲ ମଧ୍ୟଦେଇ କରାଯାଉଥିବାରୁ ଠିକାଦାର ବହୁ ମୂଲ୍ୟବାନ ଗଛ ନଷ୍ଟ କରୁଛନ୍ତି । ସଂରକ୍ଷିତ ଜଙ୍ଗଲରେ ଗଛ କାଟିବାକୁ ନେଇ ଗତ ମାସରେ କୁସୁମଡ଼ିହା ଗ୍ରାମବାସୀ ଠିକାଦାରଙ୍କୁ ବିରୋଧ କରି କାମ ବନ୍ଦ କରିଦେଇଥିଲେ। ବନ ବିଭାଗ ରାଁସୋଳ ଫରେଷ୍ଟର ଗଣେଶ୍ୱର ଦାସ ଜଙ୍ଗଲ ନଷ୍ଟ କରା ନ ଯାଇ ପାଇପ ବିଛା କାମ କରାବାକୁ ଠିକାଦାରଙ୍କୁ ନିର୍ଦ୍ଦେଶ ଦେବା ପରେ ଗ୍ରାମବାସୀ ଠିକାଦାରଙ୍କୁ ପୁନର୍ବାର କାମ କରିବାକୁ ଅନୁମତି ଦେଇଥିଲେ। ହେଲେ ଠିକାଦାର ଏବେ ପୂର୍ବପରି ଜଙ୍ଗଲ ନଷ୍ଟ କରି ପାଇପ୍ ବିଛାଉଛନ୍ତି। ଏ ନେଇ ଗ୍ରାମବାସୀ ବନ ବିଭାଗ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ ମଧ୍ୟ କୌଣସି ସୁଫଳ ମିଳିପାରି ନ ଥିବା କହିଛନ୍ତି। ବନବିଭାଗ ଫରେଷ୍ଟର ଗଣେଶ୍ୱର ଦାସଙ୍କୁ ଏ ସମ୍ପର୍କରେ ପଚାରିବାରୁ ଠିକାଦାରଙ୍କୁ ପରିବେଶ ଗତ ମଞ୍ଜୁରୀ ପାଇଁ ନିର୍ଦ୍ଦେଶ ଦିଆଯାଇଥିବା କହିଛନ୍ତି। ସୁକିନ୍ଦା ରେଞ୍ଜର ସୌଭାଗ୍ୟ ସାହୁଙ୍କୁ ପଚାରିବାରୁ ଖୁବ୍‌ଶୀଘ୍ର ଠିକାଦାରଙ୍କ ଉପରେ ଆବଶ୍ୟକ ପଦକ୍ଷେପ ନେବେ ବୋଲି କହିଛନ୍ତି। ତୁରନ୍ତ ଏହି ବେଆଇନ ଗଛକଟା ବନ୍ଦ କରିବା ସହ ଠିକାଦାରଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ପାଇଁ ସ୍ଥାନୀୟ ଅଧିବାସୀ ଜିଲାପାଳଙ୍କ ନିକଟରେ ନିବେଦନ କରିଛନ୍ତି।

## ପାଣିକୋଇଲିରେ ମେଡିକାଲ କଲେଜ ପ୍ରତିଷ୍ଠା ଦାବି: ନୂଆବର୍ଷରୁ ତୀବ୍ରତର ହେବ ଆନ୍ଦୋଳନ

**କୋରେଇ,୨୮।୧୨(ସ୍ୱ.ପ୍ର.)**

ପାଣିକୋଇଲିଠାରେ ମେଡିକାଲ କଲେଜ ପ୍ରତିଷ୍ଠା ଦାବିରେ କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ଚାଲିଥିବା ଶାନ୍ତିପୂର୍ଣ୍ଣ ଗଣଧାରଣା ଶୁକ୍ରବାର ୪୭ ଦିନରେ ପହଞ୍ଚିଛି। ଏହି ଧାରଣାରେ କ୍ରିୟାନୁଷ୍ଠାନ କମିଟି ସଦସ୍ୟ ସାମିଲ ହୋଇ ନୂଆବର୍ଷରୁ ଆନ୍ଦୋଳନ ତୀବ୍ରତର କରିବାକୁ ନିଷ୍ପତ୍ତି ନେଇଥିଲେ। ୪୭ ଦିନ ଧରି ଧାରଣା ଚାଲିଥିବାବେଳେ ଜିଲା ପ୍ରଶାସନ ଧାରଣାକାରୀଙ୍କ ନିକଟରେ ପହଞ୍ଚିବାରୁ ଧାରଣାସ୍ଥଳରେ ଅସନ୍ତୋଷ ପ୍ରକାଶ ପାଇଛି। କ୍ରିୟାନୁଷ୍ଠାନ କମିଟି ଆବାହକ ଧରଣୀଧର ଘଡେଇ, ଯୁଗ୍ମ ଆବାହକ ସୁବାସ ଧଳ, ହରେକୃଷ୍ଣ ସାହୁ, ପ୍ରଫୁଲ୍ଲ ନାୟକ, କୃଷକ ନେତା ବଳରାମ ସାହୁ, ବରିଷ୍ଠ ନାଗରିକ ମଞ୍ଚ ସଭାପତି ନୃସିଂହ ଦଳେଇ, ସମ୍ପାଦକ ସୁରେନ୍ଦ୍ର ରାୟ, ସେକ ଜାହାଙ୍ଗୀର, ମଧୁସୂଦନ ରାଉତ, ନାରାୟଣ ସାହୁ, ମିର୍ଜ୍ଜା ସବକତୁଲା ବେଗ, କାର୍ତ୍ତିକ ସାହୁଙ୍କ ସମେତ କ୍ରିୟାନୁଷ୍ଠାନ କମିଟିର ସମସ୍ତ ସଦସ୍ୟ ଧାରଣାସ୍ଥଳରେ ଉପସ୍ଥିତ ଥିଲେ।

## 'ଗଣସଂଗଠନ ପାଇଁ ତୃଣମୂଳସ୍ତରରୁ ପ୍ରୟାସ ଆବଶ୍ୟକ'

**କୋରେଇ,୨୮।୧୨(ସ୍ୱ.ପ୍ର.)**

ଭାରତୀୟ ଜାତୀୟ କଂଗ୍ରେସର ୧୩୪ତମ ପ୍ରତିଷ୍ଠା ଦିବସ ଉପଲକ୍ଷେ ପାଣିକୋଇଲିସ୍ଥିତ କୋରେଇ କଂଗ୍ରେସ କାର୍ଯ୍ୟାଳୟଠାରେ ଶୁକ୍ରବାର ଏକ ସଭା ଅନୁଷ୍ଠିତ ହୋଇଯାଇଛି। ଏଥିରେ ବ୍ଲକ ସଭାପତି ମଧୁସୂଦନ ସାହୁ ସଭାପତିତ୍ୱ କରିଥିଲେ। କଂଗ୍ରେସର ଗଣ ସଙ୍ଗଠନକୁ ଚଳଚଞ୍ଚଳ କରିବା ପାଇଁ ତୃଣମୂଳସ୍ତରରୁ ପ୍ରୟାସ କରିବା ଆବଶ୍ୟକ। ଦେଶ ସ୍ୱାଧୀନ ହେବାରେ ଯେଉଁ ମହାପୁରୁଷ ପ୍ରାଣବଳି ଦେଇଛନ୍ତି, ସେମାନଙ୍କୁ ବର୍ତ୍ତମାନ ପିଢି ସଦାସର୍ବଦା ମନେ ପକାଇବା ଉଚିତ ବୋଲି ମତ ପ୍ରକାଶ ପାଇଥିଲା। ହରେକୃଷ୍ଣ ସାହୁ, ଜିଲା ଯୁବ ଆଇଏନଟିୟୁସି ସଭାପତି ଚନ୍ଦ୍ରକାନ୍ତ ଖଣ୍ଡାଇ, ହରିହର ବାରିକ, ମକର ମାଝି, ନିଳମଣୀ ମହାପାତ୍ର, ସମ୍ପାଦକ ସୂର୍ଯ୍ୟକାନ୍ତ ସାହୁ, ଅରୂପାନନ୍ଦ ମଲ୍ଲିକ, ସମ୍ପାଦକ ସୁଦର୍ଶନ ସାହୁ, ଅଭିମନ୍ୟୁ ପରିଡା, ଶଶିକାନ୍ତ ମାଝି, ଅମୀୟକାନ୍ତ ଖୁଣ୍ଟିଆ ପ୍ରମୁଖ ବହୁ କଂଗ୍ରେସ କର୍ମୀ ଉପସ୍ଥିତ ଥିଲେ।




ପ୍ରତିଷ୍ଠା ଦିବସରେ ଉପସ୍ଥିତ କଂଗ୍ରେସ କର୍ମୀ।

## ୩୦୦ ବର୍ଷ ହେବ ପୂଜା ପାଇ ଆସୁଛନ୍ତି ରତ୍ନେଶ୍ୱର

# ଅଧିଆ ପଡ଼ିଲେ ପୂର୍ଣ୍ଣହୁଏ ମନୋବାଞ୍ଛା

**ବାଞ୍ଛାନିଧି ସାହୁ**
**ବରୀ,୨୮।୧୨(ସ୍ୱ.ପ୍ର.)**

- ଦୂରଦୂରାନ୍ତରୁ ଆସିଥାନ୍ତି ଅନେକ ଲୋକ
- ଅକ୍ଷୟତୃତୀୟାଠାରୁ ୭ ଦିନ ପାଳନ କରାଯାଏ ବିଶ୍ୱଶାନ୍ତି ମହାଯଜ୍ଞ

ବରୀ ବ୍ଲକ ଅଧୀନ ରତଳାଙ୍ଗ ପଞ୍ଚାୟତରେ ୩୦୦ ବର୍ଷରୁ ଊର୍ଦ୍ଧ୍ୱ ହେବ ରତ୍ନେଶ୍ୱର ପୀଠରେ ପାତାଳଫୁଟା ମହାଦେବ ପୂଜା ପାଇଆସୁଛନ୍ତି। ପୀଠରେ ଭକ୍ତ ୨୧ ଦିନ ଧରି ଅଧିଆ ପଡ଼ିଲେ, ରତ୍ନେଶ୍ୱର ମହାଦେବ ସେମାନଙ୍କ ମନସ୍କାମନା ପୂର୍ଣ୍ଣ କରିଥାନ୍ତି ବୋଲି ବିଶ୍ୱାସ ରହିଛି। ଏହି ବିଶ୍ୱାସକୁ ଆଧାର କରି ସୁଦୂର କଲିକତା, ବମ୍ବେ, ଗୁଜରାଟ, କେରଳ ଆଦି ସ୍ଥାନରୁ ଭକ୍ତମାନେ ଆସି ଅଧିଆ ପଡିଥାନ୍ତି। ଏହି ସମୟରେ ମହାଦେବ ବହୁ ବାଧା ବିଘ୍ନ ମଧ୍ୟରେ ଭକ୍ତଙ୍କୁ ପରୀକ୍ଷା କରିଥାନ୍ତି। ଗ୍ରାମର ବରିଷ୍ଠ ନାଗରିକ ଜଗଦେବ ରାୟ, ହରିହର ସାମଲ, ବାସୁଦେବ ସାମଲ, ଶମ୍ଭୁନାଥ ସାମଲ, ପ୍ରସନ୍ନ କୁମାର ଦାସ ଓ ଅଖିଳ ଜେନା ପ୍ରମୁଖ ଏ ବିଷୟରେ କହିଛନ୍ତି।

ବରୀ ମାଉଣ୍ଡ ବଜାରରୁ ମାତ୍ର ୫ କି.ମି. ବରୀ-ବିଞ୍ଝାରପୁର ରାସ୍ତାରେ ଏହି ପୀଠକୁ ଯିବାକୁ ପଡିଥାଏ। ପୀଠର ଐତିହ୍ୟ ଓ କିମ୍ବଦନ୍ତୀକୁ ବିଶ୍ୱ ଦରବାରରେ ପହଞ୍ଚାଇବା ପାଇଁ ଭକ୍ତଙ୍କ ଆପ୍ରାଣ ଉଦ୍ୟମ ଜାରି ରହିଛି। ବର୍ଷକ ୧୨ ମାସରେ ୧୩ ପର୍ବ ଏଠାରେ ପାଳନ କରାଯାଇଥାଏ। ଅକ୍ଷୟତୃତୀୟା ଦିନଠାରୁ ୭ ଦିନ ଧରି ବିଶ୍ୱଶାନ୍ତି ମହାଯଜ୍ଞ ପାଳନ କରାଯାଏ। ଉକ୍ତ ଦିନ ହଜାର ହଜାର ଭକ୍ତ ମହାଦେବଙ୍କ ଦର୍ଶନ କରି ଅଧିଆ ପଡ଼ିଥାନ୍ତି। ଅନ୍ୟ ଦିନ ମଧ୍ୟ ଭକ୍ତମାନେ ଅଧିଆ ପଡ଼ନ୍ତି। ପୂଜକ ବଟକୃଷ୍ଣ ପଣ୍ଡା, ଚୈତନ୍ୟ ପଣ୍ଡା, ନିମେଇଁ ଚରଣ ପଣ୍ଡା ପ୍ରମୁଖ ପ୍ରତ୍ୟହ ରୀତିନୀତି ଅନୁଯାୟୀ ପୂଜାର୍ଚ୍ଚନା କରିବା ସହ ନୀତି ଭୋଗ କରିଥାନ୍ତି। ପ୍ରତିଦିନ ରୁଦ୍ରାଭିଷେକ ଓ ଯଜ୍ଞ ଅନୁଷ୍ଠିତ ହୁଏ। ସେଥିପାଇଁ ଯଜ୍ଞ କମିଟି ଗଠନ କରାଯାଇଛି। ପ୍ରସନ୍ନ



କୁମାର ସାମଲ ସଭାପତି ଦାୟିତ୍ୱରେ ଅଛନ୍ତି। ରତ୍ନେଶ୍ୱରଙ୍କର ୩୬ ଏକର ଜମି ରହିଛି। ଜମିରୁ ଉତ୍ପାଦିତ ଶସ୍ୟରେ ନୀତି ଭୋଗ ହୋଇଥାଏ। ପୀଠ ଚତୁଃପାର୍ଶ୍ୱରେ ଶନିଦେବ, ମା' ପାର୍ବତୀ, ନବଗ୍ରହ, ହନୁମାନ, ଗଣେଶଙ୍କ ପଥରଖୋଦିତ ମୂର୍ତ୍ତି ପୂଜା ପାଉଛନ୍ତି। ଉକ୍ତ ପୀଠରେ ୨୪ ଖଣ୍ଡ ମୌଜାର ଲୋକେ ବିବାହ, ବ୍ରତ ଆଦି ଶୁଭ କାମ କରିଥାନ୍ତି। ଭଗ୍ନ ଯଜ୍ଞକୁଣ୍ଡ ପୀଠର ସୌନ୍ଦର୍ଯ୍ୟକୁ ନଷ୍ଟ କରୁଛି। ଏଠାରେ ଏକ ସ୍ଥାୟୀ ବିବାହମଣ୍ଡପ ନିର୍ମାଣ ପାଇଁ ଦାବି ହୋଇଆସୁଛି। ବିଦ୍ୟୁତ୍ ଆଲୋକର ବ୍ୟବସ୍ଥା ମଧ୍ୟ ନାହିଁ। ପାନୀୟ ଜଳ ପାଇଁ ନଳକୂପର ଆବଶ୍ୟକତା ରହିଛି। ହେଲେ ପୀଠକୁ ସରକାରୀ ଅନୁଦାନ ଆସୁ ନ ଥିବାରୁ ସାଧାରଣରେ କ୍ଷୋଭ ପ୍ରକାଶ ପାଇଛି। ରାଜ୍ୟ ସରକାର ଉକ୍ତ ପୀଠ ପ୍ରତି ଦୃଷ୍ଟି ଦେବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।



ଗୋଟିଏ ମାତ୍ର ଜାତି ଅଛି, ତାହା ମାନବ ଜାତି। ଗୋଟିଏ ମାତ୍ର ଧର୍ମ ଅଛି, ତାହା ପ୍ରେମ ଧର୍ମ।
ଗୋଟିଏ ମାତ୍ର ଭାଷା ଅଛି, ତାହା ହୃଦୟର ଭାଷା। ଜଣେ ମାତ୍ର ଈଶ୍ୱର ଅଛନ୍ତି ସେ ସର୍ବବ୍ୟାପୀ।
- ସତ୍ୟସାଇ ବାବା



# ମଣ୍ଡପ ବଦଳରେ ମନ୍ଦିରରେ ଲାଗୁଛି ଚାଚେରି ଭୋଗ

**ଲଡୁବାବା ମନ୍ଦିର**

■ପ୍ରଶାସନ-ସେବାୟତ ବିବାଦ
■ନୂତନ ଚାଳିମଣ୍ଡପକୁ ନେଇ ଦେଖାଦେଇଛି ବିବାଦ

**ନୟାଗଡ଼ ଅଫିସ,୨୮।୧୨**

ନୟାଗଡ଼ ଜିଲା ଶରଣକୁଳ ଲଡୁବାବା ମନ୍ଦିରରେ ପାଖାପାଖି ବର୍ଷେ ହେଲା ବିଭିନ୍ନ ପର୍ବପର୍ବାଣୀରେ ଚାଳିମଣ୍ଡପ ବଦଳରେ ମନ୍ଦିରରେ ଲାଗୁଛି ଚାଚେରି ଭୋଗ। ପ୍ରଶାସନ-ସେବାୟତ ବିବାଦରୁ ଏଭଳି ପରିସ୍ଥିତ ଦେଖାଦେଇଛି। ଏହି ଘଟଣାର ସମାଧାନ ପାଇଁ ନା ପ୍ରଶାସନ ନା ସେବାୟତ ସଂଘ କେହି ଧ୍ୟାନଦେଉ ନ ଥିବାରୁ ଶ୍ରଦ୍ଧାଳୁଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି।

ଲଡୁକେଶ ସାଇବ ସେବାୟତ ସଂଘ ସମ୍ପାଦକ କୃଷ୍ଣଚନ୍ଦ୍ର ମହାରଣା ଓ ସଭାପତି ତ୍ରିଲୋଚନ ମହାପାତ୍ରଙ୍କ ଅଭିଯୋଗ ଅନୁସାରେ, ମନ୍ଦିର ବାହାରେ ଥିବା ଚନ୍ଦନ ମଣ୍ଡପ (ଚାଳିମଣ୍ଡପ)ରେ ପ୍ରାଚୀନ ସମୟରୁ ଚାଚେରି ଭୋଗ ଲଗାଯାଏ। ଲଡୁବାବାଙ୍କ ବିଜେ ପ୍ରତିମା ଶ୍ରୀ ଚନ୍ଦ୍ରଶେଖର ଦଶହରା, ଦୋଳପୂର୍ଣ୍ଣିମା, ଶୀତଳଷଷ୍ଠୀ, ଚନ୍ଦନଯାତ୍ରା, ମାଘସପ୍ତମୀ ଭଳି ୩୭ଟି ବିଶେଷ ପର୍ବପର୍ବାଣୀରେ ଚନ୍ଦନ ମଣ୍ଡପରେ ରହଣି ସମୟରେ ଷୋଡ଼ଶ ଉପଚାରରେ ଚାଚେରି ଭୋଗ କରାଯାଏ। ହେଲେ ବର୍ଷେ ତଳେ ୨୧ନଂ. ରାଜ୍ୟ ରାଜପଥ ପ୍ରଶସ୍ତୀକରଣ ସମୟରେ ଚାଳିମଣ୍ଡପକୁ ଭଙ୍ଗାଗଲା। ଉକ୍ତ ମଣ୍ଡପର ଶାସ୍ତ୍ରୀୟ ମର୍ଯ୍ୟାଦା କ'ଣ ସେ କଥା ଚିନ୍ତା ନ କରି ଛତିଶା ନିଯୋଗ ତଥା ପଣ୍ଡିତମାନଙ୍କ ବିନା ପରାମର୍ଶରେ ଯୁଦ୍ଧକାଳୀନ ଭିତ୍ତିରେ ପ୍ରଶାସନ ପୁରୁଣା ମଣ୍ଡପକୁ ଭାଙ୍ଗିଦେଇ ମାର୍କେଟରେ ନୂତନ ଚାଳିମଣ୍ଡପ ତିଆରି କଲେ। କିଛି ସେବାୟତଙ୍କୁ ନେଇ ପ୍ରଶାସନ ଏଭଳି କରିଥିବା କୃଷ୍ଣଚନ୍ଦ୍ର ପ୍ରକାଶ କରିଛନ୍ତି। ବର୍ତ୍ତମାନ ମାର୍କେଟରେ ନିର୍ମାଣ ହୋଇଥିବା ଚାଳିମଣ୍ଡପଠାରେ ପୂର୍ବରୁ ଏକ ଧର୍ମଶାଳା ଥିଲା। ଧର୍ମଶାଳାରେ ଚାଳିମଣ୍ଡପ ତିଆରି ହୋଇଥିବାରୁ ତାହା ଶାସ୍ତ୍ରସମ୍ମତ ନୁହେଁ। ତେଣୁ ମାର୍କେଟରେ ଥିବା ନୂତନ ଚାଳିମଣ୍ଡପରେ ଚାଚେରି ଭୋଗ କରାଯାଉନାହିଁ। ମନ୍ଦିରର ଦକ୍ଷିଣ ପାର୍ଶ୍ୱରେ ଜାଗା ଥିବାବେଳେ ସେଠାରେ ଚାଳିମଣ୍ଡପ ତିଆରି କରା ନ ଯାଇ ନାଳି ନିର୍ମାଣ କରାଯାଇଛି। ଏପରିସ୍ଥଳେ ୧୫ଦିନ ତଳେ ଉପଜିଲାପାଳଙ୍କୁ ଦେଖା କରି ଠାକୁରଙ୍କ ଚାଳି ଭୋଗ କିପରି ଠିକ୍ ଭାବେ କରାଯିବ ସେ ନେଇ ବିକଳ୍ପ ବନ୍ଦୋବସ୍ତ ବିଷୟରେ ଆଲୋଚନା କରିଥିଲୁ। ହେଲେ ଉପଜିଲାପାଳ ଏ ନେଇ ସହଯୋଗ କରୁ ନ ଥିବାରୁ ସେବାୟତମାନେ ଅସନ୍ତୁଷ୍ଟ ଥିବା କୃଷ୍ଣଚନ୍ଦ୍ର ପ୍ରକାଶ କରିଛନ୍ତି। ଏ ନେଇ ଦେବୋତ୍ତର ନିର୍ବାହୀ ଅଧିକାରୀ ତଥା ଉପଜିଲାପାଳ ଜିତେନ୍ଦ୍ର କୁମାର ସାହୁଙ୍କୁ ପଚାରିବାରୁ ସେ କହନ୍ତି, କୌଣସି ସେବାୟତ ଏହାର ସମାଧାନ ପାଇଁ ତାଙ୍କୁ କହିନାହାନ୍ତି। ସେବାୟତଙ୍କ ଉପସ୍ଥିତିରେ ନୂତନ ଚାଳିମଣ୍ଡପ ନିର୍ମାଣ କରାଯାଇଥିଲା। ସେବାୟତମାନେ ଚାଳିମଣ୍ଡପରେ ଭୋଗ ନ କରି ମନକୁ ମନ ମନ୍ଦିରରେ ଭୋଗ କରୁଛନ୍ତି। ପ୍ରଶାସନକୁ ଅବମାନନା କରି ସେମାନେ ଏଭଳି କରୁଛନ୍ତି। ଏ ନେଇ ତାଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ସେ ପ୍ରକାଶ କରିଥିଲେ।



ମାର୍କେଟରେ ନିର୍ମାଣ ହୋଇଥିବା ନୂତନ ଚାଳିମଣ୍ଡପ।



ମନ୍ଦିର ପାର୍ଶ୍ୱରେ ଥିବା ପୁରୁଣା ଚାଳିମଣ୍ଡପ (ଫାଇଲ୍ ଫଟୋ)।

## ସଂକ୍ଷେପରେ

### ଶାଗୁଆନ ପଟା ଜବତ, ୨ ଗିରଫ

**ଦଶପଲ୍ଲା,୨୮।୧୨ (ଡି.ଏନ.ଏ.):** ଦଶପଲ୍ଲା ବନାଞ୍ଚଳ ଅଧୀନ ପୋଇବାଡି ନିକଟରୁ ୨ଜଣ ପଟା ବ୍ୟବସାୟୀଙ୍କୁ ବନ କର୍ମଚାରୀ ଶୁକ୍ରବାର ଗିରଫ କରି କୋର୍ଟ ଚାଲାଣ କରିଛନ୍ତି। ଭୋର ପ୍ରାୟ ୪ଟା ସମୟରେ କୁସୁମଗାଡିଆ ଗ୍ରାମର ବେଣୁଧର ନାୟକ ଓ ଶୁଲୁ ନାୟକ ୨ଟି ସାଇକେଲରେ ୧୦ଖଣ୍ଡ ଶାଗୁଆନ ପଟା ନେଇ ଯାଉଥିଲେ। ଏହି ସମୟରେ ପାଟ୍ରୋଲିଂ କରୁଥିବା ବନ କର୍ମଚାରୀ ସାଇକେଲ ସହ ପଟା ଜବତ କରି ସେମାନଙ୍କୁ ଗିରଫ କରିଥିଲେ। ଜବତ ପଟାର ମୂଲ୍ୟ ୧୫ ହଜାର ଟଙ୍କା ହେବ ବୋଲି ବନବିଭାଗ ସୂତ୍ରରୁ ଜଣାପଡିଛି। ସାକେଣି ସେକ୍ସନ ବନପାଳ ମନୋଜ ପ୍ରଭାକର ସାହୁଙ୍କ ସମେତ ବନରକ୍ଷୀ ନାରାୟଣ ମହାରଣା ଓ ସ୍କ୍ୱାଡ୍ ଏହି ଚଢାଉ କରିଥିଲେ।

### ଘୋଲାହାଣ୍ଡିରେ ଖୋଲିଲା ଧାନମଣ୍ଡି

**ଦଶପଲ୍ଲା,୨୮।୧୨ (ଡି.ଏନ.ଏ.):** ଦଶପଲ୍ଲା ବ୍ଲକ ଅନ୍ତର୍ଗତ ଘୋଲାହାଣ୍ଡି ସେବା ସମବାୟ ସମିତିରେ ଶୁକ୍ରବାର ଧାନମଣ୍ଡି ଖୋଲିଛି। ସମିତି ସଭାପତି ଅନ୍ତର୍ଯାମୀ ସାହୁ, ସମ୍ପାଦକ ଅନନ୍ତ ନାରାୟଣ ନନ୍ଦ, ଗଣିଆ ବ୍ୟାଙ୍କ ମ୍ୟାନେଜର ସୁବ୍ରତ କୁମାର ସେଠୀ ଓ ଆର୍‌ଏମ୍‌ସି କର୍ମଚାରୀଙ୍କ ଉପସ୍ଥିତିରେ ମଣ୍ଡି ଉଦ୍‌ଘାଟନ କରାଯାଇ ଚାଷୀଙ୍କଠାରୁ ଧାନ ସଂଗ୍ରହ କରାଯାଇଥିଲା। ପ୍ରଥମ ଦିନରେ ୧୬ଜଣ ଚାଷୀଙ୍କଠାରୁ ପ୍ରାୟ ୫ଶହ କୁଇଣ୍ଟାଲ ଧାନ ସଂଗ୍ରହ କରାଯାଇଥିବା ସମ୍ପାଦକ ନନ୍ଦ ସୂଚନା ଦେଇଛନ୍ତି।

### ହୋଟେଲ ଗ୍ୟାସ୍ ଟାଙ୍କିରେ ନିଆଁ



**ନୟାଗଡ଼ ଅଫିସ,୨୮।୧୨:** ଓଡ଼ଗାଁ ବ୍ଲକ ଶିଖରପୁରର ଏକ ହୋଟେଲରେ ଥିବା ଗ୍ୟାସଟାଙ୍କିରେ ଶୁକ୍ରବାର ନିଆଁ ଲାଗିଥିଲେ ହେଁ ହୋଟେଲ ସହ ଆଖପାଖ ଘର ଅଳ୍ପକେ ବର୍ତ୍ତିଯାଇଛି। ଘଟଣାରୁ ପ୍ରକାଶ ଯେ, ଶିଖରପୁର ଛକଠାରେ ଭାଗବତ ସାହୁଙ୍କ ହୋଟେଲ (ଜଳଖିଆ ଦୋକାନ) ରହିଛି। ସକାଳ ୯ଟା ସମୟରେ କୌଣସି କାରଣରୁ ହୋଟେଲରେ ଥିବା ଗ୍ୟାସ୍ ଟାଙ୍କିରେ ନିଆଁ ଲାଗିଯାଇଥିଲା। ଏହା ଦେଖି ସେଠାରେ ଉପସ୍ଥିତ ଥିବା ଲୋକମାନେ ଟାଙ୍କି ଉପରେ ବାଲି ପକାଇଥିଲେ, ହେଲେ ନିଆଁ ଲିଭି ନ ଥିଲା। ପରେ ଓଡ଼ଗାଁ ଦମକଳବାହିନୀ ଖବର ପାଇ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲା। ଫଳରେ ଦୋକାନ ସମେତ ନିକଟରେ ଥିବା ଅନ୍ୟ ଘରଗୁଡ଼ିକ ନିଆଁରୁ ବର୍ତ୍ତି ଯାଇଛି।

### କଂଗ୍ରେସର ପ୍ରତିଷ୍ଠା ଦିବସ ପାଳିତ



**ବୋଲଗଡ଼,୨୮।୧୨(ଡି.ଏନ.ଏ.):** କଂଗ୍ରେସ ଦଳର ୧୩୪ ତମ ପ୍ରତିଷ୍ଠା ଦିବସ ଶୁକ୍ରବାର ବୋଲଗଡ଼ ବ୍ଲକ ବଡକୁମାରୀ ପଞ୍ଚାୟତ ସ୍ଥିତ ମାର୍କେଟ କମ୍ପ୍ଲେକ୍ସଠାରେ ଅନୁଷ୍ଠିତ ହୋଇଛି। ଏହି ଅବସରରେ କଂଗ୍ରେସ ନେତା ମାଧବଚନ୍ଦ୍ର ବିଶ୍ୱାଳଙ୍କ ସଭାପତିତ୍ୱରେ ଆୟୋଜିତ ସାଧାରଣ ସଭାରେ ପ୍ରଭାତ କୁମାର ପରିଡା, ସୀମାଞ୍ଚଳ ଖଣ୍ଡାଇ, ଧୀରେଶ ମହାପାତ୍ର, ଶ୍ରୀନିବାସ ଛୋଟରାୟ, ଦୁର୍ଯ୍ୟୋଧନ ପ୍ରଧାନ, ଆନନ୍ଦ ପ୍ରଧାନ, ଯୋଗୀ ଶ୍ରୀଚନ୍ଦନ, ଛବି ମହାନ୍ତି, ଜୟକୃଷ୍ଣ ପ୍ରହରାଜ ଓ ଅରବିନ୍ଦ ମହାପାତ୍ର ପ୍ରମୁଖ ଯୋଗଦେଇଥିଲେ। କଂଗ୍ରେସକୁ ବିଜୟୀ କରିବା ପାଇଁ ଦଳ ପକ୍ଷରୁ ନିବେଦନ କରାଯାଇଥିଲା।

## ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ବାର୍ଷିକ ଉତ୍ସବ

**ନୟାଗଡ଼ ଅଫିସ,୨୮।୧୨**



ନୟାଗଡ଼ ବ୍ଲକ ଇଟାମାଟି ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ୨୪ତମ ବାର୍ଷିକ ଉତ୍ସବ ଶୁକ୍ରବାର ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ପରିଚାଳନା କମିଟି ସଭାପତି ଦୁର୍ଯ୍ୟୋଧନ ନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବରେ ସ୍ଥାନୀୟ ସରପଞ୍ଚ ସୋନାଲିକା ମଙ୍ଗନ ମୁଖ୍ୟଅତିଥି ଓ ଶିକ୍ଷା ବିକାଶ ସମିତି ପୂର୍ବ ସମ୍ଭାଗ ସଦସ୍ୟ ଚନ୍ଦ୍ରଭାନୁ ବରାଡ଼ ମୁଖ୍ୟବକ୍ତା ଭାବେ ଯୋଗଦେଇଥିଲେ। ଛାତ୍ରୀଛାତ୍ର ଭଲ ପାଠ ପଢ଼ିବା ସହିତ ସମାଜସେବାରେ ମନୋନିବେଶ କରି ଏକ ସୁସ୍ଥ ସମାଜ ଗଠନରେ ସହାୟକ ହେବା ପାଇଁ ଅତିଥିମାନେ ମତବ୍ୟକ୍ତ କରିଥିଲେ। ସମ୍ପାଦକ ଦେବକୀ ନନ୍ଦନ ଦାସ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଭଗବାନ ମହାପାତ୍ର ବାର୍ଷିକ ବିବରଣୀ ପାଠ କରିଥିଲେ। ଏହି ଅବସରରେ ବିଦ୍ୟାଳୟରେ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାରେ କୃତୀ ଛାତ୍ରୀଛାତ୍ରଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ଶେଷରେ କୋଷାଧ୍ୟକ୍ଷ ଜଗନ୍ନାଥ ପଣ୍ଡା ଧନ୍ୟବାଦ ଦେଇଥିଲେ। ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

■ ଖଣ୍ଡପଡ଼ା ମହୋତ୍ସବ ଉଦ୍‌ଯାପିତ

## 'ଐତିହ୍ୟ, କଳା ଓ ସଂସ୍କୃତି ବଞ୍ଚିଲେ ଦେଶର ପ୍ରଗତି ହେବ'

**ଖଣ୍ଡପଡ଼ା,୨୮।୧୨(ସ୍ୱ.ପ୍ର.)**

ଖଣ୍ଡପଡ଼ା କଳାବିକାଶ ପରିଷଦ ପକ୍ଷରୁ ସ୍ଥାନୀୟ ଜଗନ୍ନାଥ ମନ୍ଦିର ପ୍ରାଙ୍ଗଣରେ ଗୁରୁବାରଠାରୁ ଆରମ୍ଭ ହୋଇଥିବା ଖଣ୍ଡପଡ଼ା ମହୋତ୍ସବ ଶୁକ୍ରବାର ସନ୍ଧ୍ୟାରେ ଉଦ୍‌ଯାପିତ ହୋଇଯାଇଛି। ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମକୁ ପ୍ରାୟ ୪ ହଜାରରୁ ଉର୍ଦ୍ଧ୍ୱ ଦର୍ଶକ ବିମୁଗ୍ଧ ହୋଇ ଉପଭୋଗ କରିଥିଲେ। ପୂର୍ବାହ୍ନ ୧୦ଟାରୁ ଆରମ୍ଭ ହୋଇଥିବା ଏହି ଉତ୍ସବରେ ବିଭିନ୍ନ ପାରମ୍ପରିକ ଲୋକକଳା ଓ ନୃତ୍ୟ ପରିବେଷଣ ହୋଇଥିଲା। ପାଲା, ଦାସକାଠିଆ, ସଂକୀର୍ତ୍ତନ, ଭଜନ ଓ ନୃତ୍ୟ ବେଶ୍ ମନୋରମ ଥିଲା। ଏଥିରେ ବିଶିଷ୍ଟ ଶିଶୁ ସାହିତ୍ୟିକ ଦାଶ ବେନହୁର ମୁଖ୍ୟଅତିଥି, ପୂର୍ବତନ ରାଜ୍ୟ କ୍ରୀଡା ସମୀକ୍ଷକ ଭାରତୀ ଭୂଷଣ ମିଶ୍ର ମୁଖ୍ୟବକ୍ତା ଓ କଳାବିକାଶ ପରିଷଦର ସଭାପତି ପ୍ରଦୀପ୍ତ କିଶୋର ମିଶ୍ର କାର୍ଯ୍ୟକ୍ରମର ସଂଯୋଜକ ଭାବେ ଉପସ୍ଥିତ ଥିଲେ। ଐତିହ୍ୟ ଓ କଳା ସଂସ୍କୃତି ବଞ୍ଚିଲେ ଦେଶର ପ୍ରଗତି ହେବ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ତେବେ ଲୋକପ୍ରିୟ ଢୁମ୍ପା ସଙ୍ଗୀତ ପରିବେଷଣ ନ ହେବାରୁ ବିଭିନ୍ନ ମହଲରେ ପ୍ରତିକ୍ରିୟା ପ୍ରକାଶ ପାଇଥିଲା। ଏହି ଅବସରରେ ବିଧାୟକ ଅନୁଭବ ପଟ୍ଟନାୟକଙ୍କୁ କମିଟି ପକ୍ଷରୁ ଉପଢୌକନ ଓ ମାନପତ୍ର ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରାଯାଇଥିଲା। ସେହିପରି ବାଲୁକା ଶିଳ୍ପୀ ପ୍ରଶାନ୍ତ କୁମାର ସାହୁ, ପିତଳ ମୂର୍ତ୍ତି କାରିଗର ପ୍ରଶାନ୍ତ କୁମାର ସାହୁ ତଥା ଅନ୍ୟ କଳାକାରଙ୍କୁ ଉପଢୌକନ ଓ ମାନପତ୍ର ପ୍ରଦାନ କରାଯାଇଥିଲା। ପୂର୍ବତନ ନଗରପାଳ ରମେଶ କୁମାର ମହାନ୍ତି, ସଂଗଠକ ସୁଶାନ୍ତ ପାଢ଼ୀ, ପରିଷଦ ସମ୍ପାଦକ ପର୍ଶୁରାମ ପାଢ଼ୀ, ଆବାହକ ଦୀନବନ୍ଧୁ ଦାସ ପ୍ରମୁଖ ମହୋତ୍ସବ ପରିଚାଳନାରେ ସହଯୋଗ କରିଥିଲେ। ସମ୍ବଲପୁରୀ ନୃତ୍ୟ, ଇଟାମାଟି ଅଞ୍ଚଳର ମ୍ୟାଜିକ୍ ଶୋ, ପାଇକ ଆଖଡା ଓ ଭୁବନେଶ୍ୱରର ପସିବିଲିଟି ଅର୍କେଷ୍ଟ୍ରାର ମେଲୋଡି କାର୍ଯ୍ୟକ୍ରମକୁ ବିଳମ୍ବିତ ରାତି ପର୍ଯ୍ୟନ୍ତ ଦର୍ଶକମାନେ ଉପଭୋଗ କରିଥିଲେ।





ଉଦ୍‌ଯାପନୀ ଉତ୍ସବରେ ବିଧାୟକ ଅନୁଭବ ପଟ୍ଟନାୟକଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

■ରଙ୍ଗାରଙ୍ଗ କାର୍ଯ୍ୟକ୍ରମରେ ଦର୍ଶକ ବିମୁଗ୍ଧ
■ବିଧାୟକ, କଳାକାର ସମ୍ବର୍ଦ୍ଧିତ

## ଟି୨୦ ଖଣ୍ଡପଡ଼ା କପ୍ କ୍ରିକେଟ୍ ଟୁର୍ନାମେଣ୍ଟ ଉଦ୍‌ଯାପିତ: ବଡ଼ମ୍ବା ଚାମ୍ପିୟନ

**ଖଣ୍ଡପଡ଼ା,୨୮।୧୨(ସ୍ୱ.ପ୍ର.)**

ମହାବୀର ସ୍ପୋର୍ଟିଂ କ୍ଲବ୍ ଆନୁକୂଲ୍ୟରେ ସ୍ଥାନୀୟ ମଧୁବନ ମିନି ଷ୍ଟାଡିୟମ୍ ପରିସରରେ ଟି-୨୦ ଖଣ୍ଡପଡ଼ା କପ୍ କ୍ରିକେଟ୍ ଟୁର୍ନାମେଣ୍ଟ ଶୁକ୍ରବାର ଉଦ୍‌ଯାପିତ ହୋଇଯାଇଛି। ଫାଇନାଲ ମ୍ୟାଚ୍‌ରେ ବଡମ୍ବା କ୍ରିକେଟ୍ ଟିମ୍ ୨୨ ରନ୍‌ରେ ବାଙ୍କୀ ଟିମ୍‌କୁ ହରାଇ ଚଳିତ ବର୍ଷ ଚମ୍ପିୟନ ହୋଇଛି। ପ୍ରଥମେ ଟସ୍ ଜିତି ବଡମ୍ବା ୧୯୨ ରନ୍ କରିଥିଲା। ଜବାବରେ ବାଙ୍କୀ ଟିମ୍ ୧୭୦ ରନ୍ କରିଥିଲା। ଲିପୁ ବରାଳ ମ୍ୟାନ୍ ଅଫ ଦି ମ୍ୟାଚ୍, ସବୀର ବେହେରା ମ୍ୟାନ୍ ଅଫ୍ ଦି ସିରିଜ୍, ବେଷ୍ଟ ବ୍ୟାଟ୍‌ସମ୍ୟାନ ଭାବେ ବିଶ୍ୱଜିତ୍ ବେହେରା ଓ ବେଷ୍ଟ ବୋଲର ଭାବେ ଚନ୍ଦନ ମଲ୍ଲିକଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ମୁଖ୍ୟଅତିଥି ରୂପେ ସାମାଜିକ କର୍ମୀ ପ୍ରକାଶ ଚନ୍ଦ୍ର ରଥ ଯୋଗ ଦେଇଥିବାବେଳେ ଭାପୁର ବ୍ଲକ ବିଜେଡି ସଭାପତି ଗୟାଧର ପରିଡା ଚମ୍ପିୟନ ଟିମ୍‌କୁ ଟ୍ରଫି ଓ ରନର୍ସଅପ୍ ଟିମ୍‌କୁ ରନର୍ସ ଟ୍ରଫି ପ୍ରଦାନ କରିଥିଲେ। ଟିମ୍‌ର କ୍ୟାପ୍‌ଟେନ୍ ସନ୍ତୋଷ କୁମାର ରାଓ ଧନ୍ୟବାଦ ଦେଇଥିଲେ।



ଚାମ୍ପିୟନ ଟିମ୍‌କୁ ଟ୍ରଫି ପ୍ରଦାନ କରାଯାଉଛି।

## ସାଧାରଣ ବୈଠକରେ ଯୋଗଦେବାକୁ ଅନୁରୋଧ

**ରଣପୁର,୨୮।୧୨ (ସ୍ୱ.ପ୍ର.)**

ନୟାଗଡ଼ ଜିଲା ରଣପୁର ମା' ମଣିନାଗଙ୍କ ପୀଠରେ ଅବସରପ୍ରାପ୍ତ ସରକାରୀ କର୍ମଚାରୀ ସଂଘର ବାର୍ଷିକ ସାଧାରଣ ବୈଠକ ରବିବାର ଅନୁଷ୍ଠିତ ହେବ। ଏନେଇ ସଂଘର ସଭାପତି ନବ କିଶୋର ମହାପାତ୍ର, ଉପସଭାପତି ପୂର୍ଣ୍ଣଚନ୍ଦ୍ର ମହାପାତ୍ର, ସମ୍ପାଦକ ପ୍ରାଣନାଥ ବେହୁରା ସୂଚନା ଦେଇଛନ୍ତି। ତେଣୁ ଏହି ଅଞ୍ଚଳରେ ଅବସର ନେଇଥିବା ସମସ୍ତ ସରକାରୀ କର୍ମଚାରୀ ଏହି ଦିନ ସକାଳ ସାଢ଼େ ୧୦ଟାରେ ମା'ଙ୍କ ପୀଠରେ ଉପସ୍ଥିତ ରହିବାକୁ ସଂଘ ତରଫରୁ ଅନୁରୋଧ କରାଯାଇଛି।

## ଅନାହାରରେ ଦିନ କାଟୁଛନ୍ତି ରମେଶ

**ତୁରନ୍ତ ସରକାରୀ ସହାୟତା ଦାବି**

**ରଣପୁର,୨୮।୧୨(ସ୍ୱ.ପ୍ର.)**

ସରକାର ଗରିବଙ୍କୁ ସହାୟତା ଯୋଗାଇ ଦେବା ନିମନ୍ତେ ବିଭିନ୍ନ ଯୋଜନା ପ୍ରଣୟନ କରିଛନ୍ତି। ତେବେ ପ୍ରକୃତ ହିତାଧିକାରୀ କିଭଳି ବାଦ୍ ପଡ଼ୁଛନ୍ତି ରଣପୁରରେ ତାହାର ଉଦାହରଣ ଦେଖିବାକୁ ମିଳିଛି। ନୟାଗଡ ଜିଲା ରଣପୁର ବିଜ୍ଞାପିତ ଅଞ୍ଚଳ ପରିଷଦର ୧୨ନଂ ୱାର୍ଡ ନୂଆଗାଁରେ ରାମଚନ୍ଦ୍ର ସାହୁଙ୍କ ପୁଅ ରମେଶ (୪୪) ୩୦ ବର୍ଷ ହେଲା ରହିଛନ୍ତି। ତେବେ ଦୀର୍ଘମାସ ହେବ ରୋଗରେ ଆକ୍ରାନ୍ତ ହୋଇପଡ଼ିଛନ୍ତି। ତେଣୁ କିଛି କାମ ବା ମୂଲ,ମଜୁରି କରି ନ ପାରିବା ଯୋଗୁ ଅନାହାର ଅବସ୍ଥାରେ ତାଙ୍କ ଦିନ ବିତୁଛି। ଶୁକ୍ରବାର ଏକ ଲିଖିତ ଅଭିଯୋଗ ନେଇ ସରକାରୀ ସହାୟତା ପାଇଁ ରଣପୁର ବିଜ୍ଞାପିତ ପରିଷଦ କାର୍ଯ୍ୟାଳୟକୁ ଆସିଥିବାବେଳେ କେହି ତାଙ୍କ କଥା ଶୁଣି ନ ଥିବା ସେ କହିଛନ୍ତି। ଏନେଇ ଜିଲାପାଳଙ୍କୁ ମଧ୍ୟ ଲିଖିତ ଅଭିଯୋଗ କରିଛନ୍ତି। ବର୍ଷେ ହେବ ତାଙ୍କର ସ୍ତ୍ରୀ ଓ ପିଲା ତାଙ୍କୁ ଛାଡ଼ି ଚାଲିଯାଇଛନ୍ତି। ୱାର୍ଡବାସୀ ବେଳେବେଳେ କିଛି ଖାଇବାକୁ ଦିଅନ୍ତି। ଅର୍ଥ ଅଭାବରୁ ସେ ଚିକିତ୍ସିତ ହୋଇପାରୁନାହାନ୍ତି। ପରିଚୟ ଭାବେ ତାଙ୍କର ଆଧାର କାର୍ଡଟିଏ ଅଛି। ତେଣୁ ତୁରନ୍ତ ଜିଲାପାଳ ରମେଶଙ୍କୁ ସହାୟତା ଯୋଗାଇଦେବାକୁ ୱାର୍ଡବାସୀ ଦାବି କରିଛନ୍ତି। ଏନ୍‌ଏସି କାର୍ଯ୍ୟନିର୍ବାହୀ ଅଧିକାରୀ ଅର୍ଚ୍ଚନା ନାୟକ ଏ ନେଇ କହିଛନ୍ତି, ସେ ଜିଲାପାଳଙ୍କ ସହ ଆଲୋଚନା କରି ତାଙ୍କୁ କିଭଳି ସହାୟତା କରାଯାଇପାରିବ ସେଥିପ୍ରତି ପଦକ୍ଷେପ ଗ୍ରହଣ କରିବେ।



■ ନୟାଗଡ଼ ଜିଲା ମହୋତ୍ସବ ଉଦ୍‌ଯାପିତ

## ଶୀତୁଆ ସନ୍ଧ୍ୟାକୁ ମତୁଆଲା କଲା ଦୀପ୍ତିରେଖାଙ୍କ ସଙ୍ଗୀତ





ଗାୟିକା ଦୀପ୍ତିରେଖାଙ୍କ ସଙ୍ଗୀତ ପରିବେଷଣ।

**'କଳା ଓ ସଂସ୍କୃତି ଏକାଠି ହୋଇ ପ୍ରଗତି ଆଡ଼କୁ ଗତି କରୁଛନ୍ତି'**



ଜିଲାପାଳଙ୍କୁ ମୁଖ୍ୟ ଅତିଥି ପୁରସ୍କୃତ କରୁଛନ୍ତି।

**ନୟାଗଡ଼ ଅଫିସ,୨୮।୧୨**

୫ଦିନ ଧରି ନୟାଗଡ଼ ଖେଳପଡ଼ିଆରେ ଚାଲିଆସୁଥିବା ଜିଲା ମହୋତ୍ସବ ଓ ପଲ୍ଲିଶ୍ରୀ ମେଳା ୨୦୧୮ ଶୁକ୍ରବାର ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଯାପନୀ ସନ୍ଧ୍ୟାରେ ଅର୍ଥ ଓ ଅବକାରୀ ମନ୍ତ୍ରୀ ଶଶିଭୂଷଣ ବେହେରା ମୁଖ୍ୟଅତିଥି ଭାବେ ଯୋଗଦେଇ ଜିଲା ମହୋତ୍ସବ ବିକାଶର ଗାଥାକୁ ବହନ କରୁଥିବା ପ୍ରକାଶ କରିଥିଲେ। ଏହାସହ ଏଭଳି ମହୋତ୍ସବ ଦ୍ୱାରା ଜିଲା, ରାଜ୍ୟ ଓ ରାଜ୍ୟ ବାହାରର କଳା ଓ ସଂସ୍କୃତି ଏକାଠି ହୋଇ ପ୍ରଗତି ଆଡ଼କୁ ଗତିକରୁଥିବା ସେ କହିଥିଲେ। ଜିଲାପାଳ ଡା. ଏନ୍ ତିରୁମାଲା ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ସ୍ଥାନୀୟ ବିଧାୟକ ଡ. ଅରୁଣ କୁମାର ସାହୁ ସମ୍ମାନିତ ଅତିଥି ଭାବେ ଯୋଗଦେଇ ରାଜ୍ୟର ବିଭିନ୍ନ ଜିଲାରେ ପାଳନ କରାଯାଉଥିବା ମହୋତ୍ସବ ଇତିହାସ ବିଷୟରେ ବର୍ଣ୍ଣନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଜିଲାପାଳ ପ୍ରସନ୍ନ କୁମାର ଦାସ, ପିଡ଼ି ଅନାମ ଚରଣ ପାତ୍ର, ଉପଜିଲାପାଳ ଜିତେନ୍ଦ୍ର କୁମାର ସାହୁ, ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଡ. ପ୍ରମୋଦ କୁମାର ନାୟକ ଅତିଥି ଭାବେ ମଞ୍ଚାସୀନ ଥିଲେ। ପରେ ସ୍ଥାନୀୟ କଳାକାରଙ୍କ ଦ୍ୱାରା ନୟାଗଡ଼ ବନ୍ଦନା ପରିବେଷଣ କରାଯାଇଥିଲା। ଓଡ଼ିଆ କଣ୍ଠଶିଳ୍ପୀ ଦୀପ୍ତିରେଖାଙ୍କ ଗୀତ ଶୀତୁଆ ସନ୍ଧ୍ୟାକୁ ମତୁଆଲା କରିଥିଲା। ରାତି ୯ଟାରୁ ୧୧ଟା ପର୍ଯ୍ୟନ୍ତ ତାଙ୍କ ସଙ୍ଗୀତକୁ ଦର୍ଶକ ମନଭରି ଉପଭୋଗ କରିଥିଲେ। କଟକର ଗୀତ ସାଗର ମେଲୋଡ଼ି ତରଫରୁ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ନୟାଗଡ଼ ଏସ୍‌ଡ଼ିପିଓ ସୁଧାକର ସାହୁ, ଟାଉନ ଥାନା ଅଧିକାରୀ ରଶ୍ମିରଞ୍ଜନ ପଟ୍ଟନାୟକଙ୍କ ସମେତ ୨ ପ୍ଲାଟୁନ ଫୋର୍ସ ମୁତୟନ ହୋଇଥିଲେ।

## ୪ ଦିନରେ ୬୨ ଲକ୍ଷର ବେପାର

ନୟାଗଡ଼ ଜିଲା ମହୋତ୍ସବରେ ଓରମାସ୍ ତରଫରୁ ହୋଇଥିବା ୧୬୪ଟି ଷ୍ଟଲରୁ ୪ ଦିନରେ ୬୨ ଲକ୍ଷ ଟଙ୍କାର ବେପାର ହୋଇଛି। ଗୁରୁବାର ଶେଷ ସନ୍ଧ୍ୟାରେ ୩୮ ଲକ୍ଷର ବେପାର ହୋଇଥିବାରୁ ୫ ଦିନରେ ଏହା ୧ କୋଟି ଛୁଇଁବ ବୋଲି ଜିଲାପାଳ ନାୟକ ସୂଚନା ଦେଇଥିଲେ। ଏହା ଫଳରେ ମହୋତ୍ସବରେ ଯୋଗ ଦେଇଥିବା ସ୍ୱୟଂ ସହାୟିକା ଗୋଷ୍ଠୀ ସଦସ୍ୟମାନଙ୍କର ମନୋବଳ ବୃଦ୍ଧି ପାଇବ ବୋଲି ସେ କହିଥିଲେ।

**ସଂକ୍ଷେପରେ**

## ସ୍କୁଲରେ ଶୀତ କାଳୀନ ଶିବିର

**ଖୋର୍ଦ୍ଧା ଅଫିସ,୨୮।୧୨:** ଖୋର୍ଦ୍ଧା ଭାଲିଆବାଡିସ୍ଥିତ ଯୁଜିଯୁପି ସ୍କୁଲ ପରିସରରେ ଗତ ୨୫ ତାରିଖରୁ ଆରମ୍ଭ ହୋଇଥିବା ଶୀତକାଳୀନ ଶିବିର ଶୁକ୍ରବର ଉଦ୍‌ଯାପିତ ହୋଇଯାଇଛି। ଅଗସ୍ତ୍ୟା ଇଣ୍ଟର ନେଶନାଲ ଫାଉଣ୍ଡେଶନ ପକ୍ଷରୁ ଆୟୋଜିତ ଶିବିରରେ ୩୦ ଜଣ ଛାତ୍ରୀଛାତ୍ର ଭାଗ ନେଇଥିଲେ। ଛାତ୍ରୀଛାତ୍ରମାନେ ପ୍ରଥମ ଦିବସ ମଙ୍ଗଳବାର କଣ୍ଢେଇ ତିଆରି କରିଥିବାବେଳେ ୨ୟ ଦିବସରେ ବିଭିନ୍ନ ପ୍ରକାରର ଚିତ୍ର ଆଙ୍କିଥିଲେ। ତୃତୀୟ ଦିବସରେ କମ ଖର୍ଚ୍ଚରେ ପରିତ୍ୟକ୍ତ ଉପକରଣରେ ବିଜ୍ଞାନ ଉପକରଣ ପ୍ରସ୍ତୁତି କରିଥିଲେ। ଶେଷରେ ରଙ୍ଗୋଲି ମୁରୁଜ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ପ୍ରଧାନ ଶିକ୍ଷୟିତ୍ରୀ ସୁପ୍ରିୟା ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଶିକ୍ଷାବିତ୍ ସତ୍ୟବାଦୀ ବଳିଆରସିଂହ, ବିଜ୍ଞାନ ପର୍ଯ୍ୟବେକ୍ଷକ ସରୋଜ ସିଂହ ପ୍ରମୁଖ ଅତିଥି ରୂପେ ଯୋଗ ଦେଇଥିଲେ।

## ଗୁଡୁମ୍ କ୍ରିକେଟ: ଫାଇନାଲରେ କୁମାରବସ୍ତକୁ ଭେଟିବ ଯାଁଳା

**ଖୋର୍ଦ୍ଧା ଅଫିସ,୨୮।୧୨:** ବେଗୁନିଆ ବ୍ଲକ ଦୁର୍ଗାପୁର ପଞ୍ଚାୟତ ଗୁଡୁମ୍‌ର ପତିତପାବନ ଖେଳପଡିଆରେ ଚାଲିଛି ୭ମ ଜିଲାସ୍ତରୀୟ କ୍ରିକେଟ ଟୁର୍ନାମେଣ୍ଟ। ଏହାର ଶୁକ୍ରବାର ୨ୟ ସେମିଫାଇନାଲ ମ୍ୟାଚରେ ରାଇଜିଂ ଷ୍ଟାର କୁମାରବସ୍ତ ୭ ଉଇକେଟରେ ମଞ୍ଜେଶ୍ୱର କ୍ରିକେଟ କ୍ଲବକୁ ପରାସ୍ତ କରି ବିଜୟୀ ହୋଇ ଫାଇନାଲରେ ବ୍ଲୁ ରକ୍ ଷ୍ଟାର ଯାଁଳା ସହ ଖେଳିବାକୁ ଯୋଗ୍ୟ ବିବେଚିତ ହୋଇଛି। ଟସ୍ ଜିତି ମଞ୍ଜେଶ୍ୱର କ୍ରିକେଟ କ୍ଲବ ଦଳ ନିର୍ଦ୍ଧାରିତ ୨୦ ଓଭରରେ ସମସ୍ତ ଉଇକେଟ ହରାଇ ୧୪୬ ରନ ସଂଗ୍ରହ କରିଥିଲା। ଜବାବରେ ରାଇଜିଂ ଷ୍ଟାର କୁମାରବସ୍ତ ୧୫.୪ ଓଭରରେ ୩ ଉଇକେଟ ହରାଇ ୧୪୬ ରନ କରି ବିଜୟୀ ହୋଇଛି। ସୂର୍ଯ୍ୟକାନ୍ତ ମିଶ୍ର, ମୃତ୍ୟୁଞ୍ଜୟ ମହାପାତ୍ର ପରିଚାଳନା କରିଥିଲେ।

## ଡିଏସ୍‌ଓର ପ୍ରତିଷ୍ଠା ଦିବସ

**ଖୋର୍ଦ୍ଧା ଅଫିସ,୨୮।୧୨:** ଅଲ ଇଣ୍ଡିଆ ଡିଏସଓ ଖୋର୍ଦ୍ଧା ଲୋକାଲ କମିଟି ପକ୍ଷରୁ ସଙ୍ଗଠନର ୬୪ତମ ପ୍ରତିଷ୍ଠା ଦିବସ ସ୍ଥାନୀୟ ଡିଏସଓ କାର୍ଯ୍ୟାଳୟରେ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ସଙ୍ଗଠନର ପ୍ରତିଷ୍ଠାତା ଶିବଦାସ ଘୋଷଙ୍କ ଫଟୋରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇଥିଲା। ରାଜ୍ୟ ଉପସଭାପତି ଜୟନ୍ତ ମହାନ୍ତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଛାତ୍ରନେତା ଅବିନାସ ପ୍ରଧାନ ମୁଖ୍ୟବକ୍ତା ରୂପେ ଯୋଗଦେଇ କହିଥିଲେ ଶିକ୍ଷାର ଘରୋଇକରଣ, ବ୍ୟବସାୟୀକରଣ, ଫିସ୍ ବୃଦ୍ଧି ବନ୍ଦ କରିବାକୁ ହେଲେ ଛାତ୍ର ଆନ୍ଦୋଳନ ଦରକାର। ଅନ୍ୟମାନଙ୍କ ମଧ୍ୟରେ ପିଏନ କଲେଜର ଛାତ୍ରନେତା ସୁବନ୍ଧୁ ବେହେରା, ଅନୁପମ ମହାନ୍ତି, ରତନ ବେହେରା, ରାଜେଶ ବାହାଦୁର, ସୋମନାଥ ସାସମଲ ପ୍ରମୁଖ ଯୋଗ ଦେଇଥିଲେ।

## ପ୍ରାଣନାଥ ସମ୍ମାନ ପାଇବେ ପ୍ରତିଭା ରାୟ

**ଖୋର୍ଦ୍ଧା ଅଫିସ,୨୮।୧୨:** ଖୋର୍ଦ୍ଧାସ୍ଥିତ ପ୍ରାଣନାଥ ସ୍ୱୟଂ ଶାସିତ ମହାବିଦ୍ୟାଳୟର ୬୦ ତମ ସାମ୍ବତ୍ସରିକ ଉତ୍ସବରେ ୨୦୧୯ ବର୍ଷ ପାଇଁ ପ୍ରାଣନାଥ ସମ୍ମାନ ପ୍ରତିଭା ରାୟ ପାଇବେ। ସେହିପରି ରାଜ୍ୟସ୍ତରୀୟ ମଞ୍ଜରୀ ସାହିତ୍ୟ ପୁରସ୍କାର କବି ସୌଭାଗ୍ୟ ମିଶ୍ର ପାଇବେ ବୋଲି ନିଷ୍ପତ୍ତି ହୋଇଥିବା ମହାବିଦ୍ୟାଳୟର ଅଧ୍ୟକ୍ଷା ସ୍ୱୟଂପ୍ରଭା ପଟ୍ଟନାୟକ ଓ ମହାବିଦ୍ୟାଳୟ ପରିଚାଳନା ସମିତିର ସଭାପତି ଜିତୁ ମିତ୍ର ସୂଚନା ଦେଇଛନ୍ତି।

## ଶରଧାପୁର ଫୁଟବଲ: ଫାଇନାଲରେ ଖୋର୍ଦ୍ଧା କ୍ଲବ ବନାମ ଖଣ୍ଡପଡା

**ଖୋର୍ଦ୍ଧା ଅଫିସ,୨୮।୧୨:** ଶରଧାପୁର ସ୍ପୋର୍ଟ୍ସ ଆସୋସିଏଶନ ଆନୁକୂଲ୍ୟରେ ୧୧ତମ ଶରଧାପୁର କପ ଫୁଟବଲ ଟୁର୍ନାମେଣ୍ଟ ଚାଲିଛି। ବୁଧବାର ଷଷ୍ଠ ଦିବସ ୨ୟ ସେମିଫାଇନାଲ ମ୍ୟାଚରେ ଜୟଦୁର୍ଗା କ୍ଲବ ଖୋର୍ଦ୍ଧା ୫-୪ ଗୋଲରେ ବଜରଙ୍ଗ ବାଲି କ୍ଲବ ଘାଟିକିଆକୁ ପରାସ୍ତ କରି ଖଣ୍ଡପଡା ସ୍ପୋର୍ଟସ ଆସୋସିଏସନ ସହ ଖେଳିବାକୁ ଯୋଗ୍ୟ ବିବେଚିତ ହୋଇଛି। ପ୍ରଥମାର୍ଦ୍ଧ ଖେଳରେ କେହି କାହାରିକୁ ଗୋଲ ଦେଇ ପାରି ନ ଥିଲେ। ୨ୟାର୍ଦ୍ଧ ଖେଳରେ ଘାଟିକିଆ ଦଳର ୨ନଂ ଖେଳାଳି ନାୟିବୁ ନାୟକ ସ୍କୋର କରଥିବାବେଳେ ଖୋର୍ଦ୍ଧା ଦଳର ୬ନଂ. ଖେଳାଳି କୁନାଲ ଦାସ ସ୍କୋର କରି ଖେଳକୁ ସମାନ ସ୍ଥିତିକୁ ଆଣିଥିଲେ। ରାଜୁ ମହାନ୍ତି, ଅବଦୁଲ ଅହମ୍ମଦ, ଅଶୋକ କୁମାର କଅଁର, ମୁସ୍ତାକ ଅହମ୍ମଦ ଖେଳ ପରିଚାଳନା କରିଥିଲେ।

# ରଣପୁର ଖୋଲା ଶୌଚମୁକ୍ତ ସହର ଘୋଷିତ

**ରଣପୁର,୨୮।୧୨(ସ୍ୱ.ପ୍ର.)**



ସଭାରେ ଯୋଗ ଦେଇଥିବା ଅତିଥିବୃନ୍ଦ।

- ରାସ୍ତାରେ ଏବେବି ଚାଲିଛି ଖୋଲା ଶୌଚ
- ଘୋଷଣାନାମା ନେଇ ସାଧାରଣରେ ପ୍ରଶ୍ନବାଚୀ
- ଆବେଦନକାରୀଙ୍କୁ ମିଳୁନି ପାଇଖାନା ନିର୍ମାଣ କାର୍ଯ୍ୟାଦେଶ

ନୟାଗଡ଼ ଜିଲା ରଣପୁର ବିଜ୍ଞାପିତ ଅଞ୍ଚଳ ପରିଷଦ ଅଧୀନ ୧୫ଟି ୱାର୍ଡକୁ ଗୁରୁବାର ଖୋଲା ଶୌଚମୁକ୍ତ ସହର ଭାବେ ଘୋଷଣା କରାଯାଇଛି । ବିଜ୍ଞାପିତ ଅଞ୍ଚଳ ପରିଷଦ(ଏନ୍‌ଏସି)ନିର୍ବାହୀ ଅଧିକାରୀ ଓ ଅଧ୍ୟକ୍ଷାଙ୍କ ଏଭଳି ଘୋଷଣାକୁ କେତେଜଣ ନାପସନ୍ଦ କରିଛନ୍ତି। କାରଣ ସହରଟି ଅନେକ କାରଣରୁ ଶୌଚମୁକ୍ତ ଅଞ୍ଚଳରୁ ବ୍ୟତିକ୍ରମ ରହିଛି। ଏ ଅବସରରେ ପରିଷଦର କାର୍ଯ୍ୟାଳୟ ପରିସରରେ ଏକ ସ୍ୱଚ୍ଛ ଓଡିଶା ସଭାରେ ବିଧାୟକ ,ପୌର ପ୍ରଶାସନ ନିର୍ଦ୍ଦେଶକ, ନୟାଗଡ ଜିଲାପାଳ, ଅଧିକାରୀ ଓ କେତେଜଣ କାଉନ୍‌ସିଲର ମଧ୍ୟ ଉପସ୍ଥିତ ନ ଥିଲେ। ଫଳରେ ମୁଖ୍ୟଅତିଥି ଭାବେ ଅଧ୍ୟକ୍ଷା ସବିତା ଦାସ ଓ ସମ୍ମାନିତ ଅତିଥି ଭାବେ ପ୍ରିୟବ୍ରତ ପ୍ରହରାଜ ଓ ନିର୍ବାହୀ ଅଧିକାରୀ ଅର୍ଚ୍ଚନା ନାୟକ ଏବଂ ସାଂସଦଙ୍କ ପ୍ରତିନିଧି ସ୍ୱରାଜ କୁମାର ମହାନ୍ତି ବୈଠକରେ ଯୋଗଦେଇ ରଣପୁର ବିଜ୍ଞାପିତ ଅଞ୍ଚଳ ପରିଷଦକୁ ଖୋଲା ଶୌଚମୁକ୍ତ ସହର ଭାବେ ଘୋଷଣା କରିଥିଲେ । ତେବେ ଏହି ଘୋଷଣା କେବଳ କାଗଜ କଲମରେ ସୀମିତ ବୋଲି ପ୍ରବୀର ଦାସ, ରାଜୁ ବେହେରା, ସୁମନ ନାୟକ ପ୍ରମୁଖ କହିଛନ୍ତି । କାରଣ ଏବେବି ସହରର ବହୁ ଲୋକଙ୍କ ଘରେ ପାଇଖାନାଟିଏ ନାହିଁ ଯାହାଫଳରେ ରାସ୍ତାକଡ଼ରେ ଶୌଚ କରୁଛନ୍ତି। ରଣପୁର ନୟାଗଡ ରାସ୍ତା, ହାଟସାହି, ମଣିନାଗ ସଡକ, ନୂଆ ଜଗନ୍ନାଥ ସଡ଼କ, ତଳ ସଡ଼କ, ବ୍ଲକ ରୋଡ, ସୁନାଖଳା ଓ ପାମ୍ପଡ଼ା ଆଦି ରାସ୍ତାରେ ପ୍ରତ୍ୟେକ ଦିନ ଖୋଲାଶୌଚ ହେଉଛି। ଅନେକ ଆବେଦନକାରୀଙ୍କୁ ପାଇଖାନା ନିର୍ମାଣ ପାଇଁ କାର୍ଯ୍ୟାଦେଶ ମିଳୁ ନ ଥିବା ମଧ୍ୟ ଅଭିଯୋଗ ହୋଇଛି। ଉଲ୍ଲେଖଯୋଗ୍ୟ, ୨୦୧୮ରେ ନୂତନ ପାଇଖାନା ପାଇଁ ୪ ହଜାରରୁ ଉର୍ଦ୍ଧ୍ୱ ଆବେଦନ ମଧ୍ୟରୁ ୧୨ଶହ ଲକ୍ଷ୍ୟଧାର୍ଯ୍ୟ ଥିଲେ ମଧ୍ୟ ୧୦୦୦ ହିତାଧିକାରୀଙ୍କୁ କାର୍ଯ୍ୟାଦେଶ ଦିଆଯାଇଥିଲା। ଏମାନଙ୍କ ମଧ୍ୟରୁ ୫ଶହ ହିତାଧିକାରୀ ପାଇଖାନା ସମାପ୍ତ କରି ବିଲ୍ ପାଇଥିଲେ । ବଳକା ୫ଶହ ହିତାଧିକାରୀ ପାଇଖାନା କରି ନ ଥିବା ସୂଚନା ମିଳିଛି। ସହରର ଅନେକ ଗୁରୁତ୍ୱପୂର୍ଣ୍ଣ ସ୍ଥାନରେ ପାଇଖାନାଟି ନ ଥିବା ବେଳେ ସହରରକୁ କିଭଳି ଖୋଲା ଶୌଚମୁକ୍ତ ଘୋଷଣା କରାଗଲା ସେ ନେଇ ସାଧାରଣରେ ସୃଷ୍ଟି ହୋଇଛି ପ୍ରଶ୍ନବାଚୀ। ଏହି ବିଷୟରେ ବିଜ୍ଞାପିତ ଅଞ୍ଚଳ ପରିଷଦ କାର୍ଯ୍ୟନିର୍ବାହୀ ଅଧିକାରୀ ଅର୍ଚ୍ଚନା ନାୟକ କହିଛନ୍ତି ଯେ, ସରକାରୀ ନିର୍ଦ୍ଦେଶ ଅନୁସାରେ ରଣପୁର ବିଜ୍ଞାପିତ ଅଞ୍ଚଳ ପରିଷଦକୁ ଖୋଲା ଶୌଚମୁକ୍ତ ଘୋଷଣା କରାଯାଇଛି । ଏନେଇ ସାଧାରଣ ଲୋକଙ୍କୁ ସଚେତନତା କରାଯିବ, ଯାହାଦ୍ୱାରା କୌଣସି ଲୋକ ବାହାରକୁ ଶୌଚ ପାଇଁ ଯିବେ ନାହିଁ। ତେବେ ନିଜସ୍ୱ ଜମି ନଥିବା ଲୋକଙ୍କୁ ଏହି ଯୋଜନାରେ ପାଇଖାନା ଦିଆଯାଇପାରୁ ନାହିଁ । ଏନ୍‌ଏସି ଉପାଧ୍ୟକ୍ଷ ପ୍ରିୟବ୍ରତ ପ୍ରହରାଜ ଏ ନେଇ କହିଛନ୍ତି, ଏବେବି ବିଭିନ୍ନ ୱାର୍ଡରେ ଲୋକମାନେ ଖୋଲାରେ ଶୌଚ ଯାଉଛନ୍ତି । ସେମାନଙ୍କୁ ସଚେତନତା କରାଇବା ପାଇଁ ବହୁତ ଦିନ ଲାଗିବ ।

## ଯୁବ ସଂଗଠନ ପକ୍ଷରୁ ସଫେଇ କାର୍ଯ୍ୟକ୍ରମ

**କୃଷ୍ଣପ୍ରସାଦ,୨୮।୧୨(ଡି.ଏନ.ଏ.)**

ପୁରୀ ଜିଲା କୃଷ୍ଣପ୍ରସାଦ ବ୍ଲକସ୍ଥିତ କୃଷ୍ଣପ୍ରସାଦ ଗ୍ରାମ ପଞ୍ଚାୟତ ତରଫରୁ ଶ୍ରୀ ଶ୍ରୀ ଗାଦିଶ୍ୱରଦେବ ଯୁବ ସଂଗଠନ ଆନୁକୂଲ୍ୟରେ ଶୁକ୍ରବାର ସଫେଇ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ସରପଞ୍ଚ ରମେଶ ଚନ୍ଦ୍ର ସିଂହସାମନ୍ତ, ସମିତି ସଭ୍ୟ ଜିତେନ୍ଦ୍ର କୁମାର ବିଶ୍ୱାଳ, କାର୍ଯ୍ୟନିର୍ବାହୀ ଅଧିକାରୀ ବସନ୍ତ କୁମାର ପଣ୍ଡାଙ୍କ ନେତୃତ୍ୱରେ ସଂଘର କର୍ମକର୍ତ୍ତାମାନେ ଦଳବେହେରା ସାହି ଗ୍ରାମର ମନ୍ଦିର ପରିସର, ମେରୁଯାତ୍ରା ପଡିଆ, ଗାଁ ରାସ୍ତା, ଗାଧୁଆ ତୁଠ ଆଦି ଅଞ୍ଚଳ ସଫେଇ କରିଥିଲେ। ସଂଘର ସଭାପତି ସନ୍ତୋଷ କୁମାର ପରିଡ଼ା, ସମ୍ପାଦକ ଅକ୍ଷୟ କୁମାର ଜେନା, ରବୀନ୍ଦ୍ର କୁମାର ସାମଲ, ବାହୁଡା ଗୁରୁ, ରିଙ୍କୁ ଜେନା, ତପନ ପରିଡା, ଚିନ୍ମୟ କୁମାର ସେଠୀ ଓ ଗାଣ୍ଡୁ ଦଣ୍ଡସେନା ପ୍ରମୁଖ ସହଯୋଗ କରିଥିଲେ ।

# ମୁଖ୍ୟ ପ୍ରଶାସକଙ୍କୁ ସେବାୟତଙ୍କ ୫ ଦାବି

**ପୁରୀ ଅଫିସ,୨୮।୧୨**

ଶ୍ରୀମନ୍ଦିର ପରମ୍ପରା ଓ ସେବାୟତଙ୍କୁ ଅସମ୍ମାନ ସମ୍ପର୍କରେ ସେବାୟତମାନେ ମୁଖ୍ୟ ପ୍ରଶାସକଙ୍କୁ ୫ ଦଫା ସମ୍ବଳିତ ଦାବିପତ୍ର ପ୍ରଦାନ କରିଛନ୍ତି। ଶ୍ରୀମନ୍ଦିର ଗାରଦ କମାଣ୍ଡରଙ୍କ ଜରିଆରେ ଦିଆଯାଇଥିବା ଏହି ଦାବିଗୁଡ଼ିକ ମଧ୍ୟରୁ ପ୍ରଥମ ଦାବି ହେଉଛି ୨୦୧୨ ଶ୍ରୀଗୁଣ୍ଡିଚା ବେଳେ ରଥ ପାଖରେ ପୋଲିସ ସେବାୟତଙ୍କୁ ମରଣାନ୍ତକ ଆକ୍ରମଣ କରିଥିଲା। ଏହାପରେ ପୋଲିସ ସେବାୟତଙ୍କୁ ବାରମ୍ବାର ଆକ୍ରମଣ ଏବଂ ଅସମ୍ମାନ କରିଆସୁଛି। ଦ୍ୱିତୀୟ ଦାବି ହେଉଛି ହାଇକୋର୍ଟ ଏବଂ ସୁପ୍ରିମ୍‌କୋର୍ଟଙ୍କ ଦ୍ୱାହିଦେଇ ପୋଲିସ ମାତ୍ରାଧିକ କ୍ଷମତାର ଅପବ୍ୟବହାର କରିଆସୁଛନ୍ତି ଏବଂ ସମସ୍ତଙ୍କୁ ବିଶୃଙ୍ଖଳିତ ଆଚରଣ ଦେଖାଉଛି। ଗୁରୁବାର ସନ୍ଧ୍ୟାରେ ଶ୍ରୀମନ୍ଦିରର ପ୍ରମୁଖ ସେବାୟତ ଭିତରଚ୍ଛୁ ଭବାନୀ ଶଙ୍କର ମହାପାତ୍ରଙ୍କୁ ସିଂହଦ୍ୱାର ପାଖରେ ଡ୍ୟୁଟିରେ ଥିବା ପୋଲିସ ମରଣାନ୍ତକ ଆକ୍ରମଣ କରିଛନ୍ତି। ସେବାୟତଙ୍କ ତୃତୀୟ ଦାବି ହେଉଛି ମହାପ୍ରଭୁଙ୍କ ନୀତି ଏବଂ ଭକ୍ତମାନଙ୍କ ସୁରକ୍ଷା ପାଇଁ ଭିତର ବେଢା ଓ ବାହାର ବେଢାରେ ଓଡ଼ିଶା ପୋଲିସଙ୍କୁ ଡ୍ୟୁଟି ଦିଆ ନ ଯାଉ। ଶ୍ରୀମନ୍ଦିର ପ୍ରତିହାରୀ ନିଯୋଗ ସହାୟତା, ଜେଟିପି ଓ ଜେଟିଏସ୍‌ଙ୍କ ଦ୍ୱାରା ଏହା ପରିଚାଳନା କରାଯାଉ। ଏହାଦ୍ୱାରା ଭକ୍ତମାନେ ଶୃଙ୍ଖଳିତ ଦର୍ଶନ କରିପାରିବେ। ଚତୁର୍ଥ ଦାବି ରହିଛି ଜଗମୋହନ ମରାମତି କାର୍ଯ୍ୟ ଅର୍ଥାତ୍ ୨୦୧୬ ଜାନୁୟାରୀ ୨୭ ତାରିଖ ପୂର୍ବରୁ ଶ୍ରୀମନ୍ଦିରରେ ଯେଉଁଭଳି ରୀତି, ନୀତି, ପରମ୍ପରା ଚାଲିଆସୁଥିଲା ପୁନର୍ବାର ସେହିଭଳି ଅକ୍ଷୁର୍ଣ୍ଣ ରଖାଯାଉ। ସେବାୟତମାନଙ୍କ ଶେଷ ଦାବି ହେଉଛି ଶ୍ରୀମନ୍ଦିରରେ ଭିଆଇପି ପ୍ରଥା ଉଚ୍ଛେଦ କରାଯାଉ। ଅର୍ଥାତ୍ ବର୍ତ୍ତମାନର ଆରକ୍ଷୀ ଅଧୀକ୍ଷକଙ୍କ ସମୟରେ ଭିଆଇପି ଦର୍ଶନ ଆଳରେ ଯାତ୍ରୀ ପଣ୍ଡାଙ୍କ କାର୍ଯ୍ୟ ସରକାରୀ ପୋଲିସ କରୁଛନ୍ତି। ସେମାନେ ଧନୀ ଶ୍ରେଣୀର ଯାତ୍ରୀଙ୍କୁ ନେଇ ଦର୍ଶନ କରାଇ ଅର୍ଥ ଉପାର୍ଜନ କରୁଛନ୍ତି। ଏହାକୁ ବନ୍ଦ କରାଯାଉ। କେବଳ ଶ୍ରୀମନ୍ଦିର ପ୍ରଶାସନ ଯାହାଙ୍କୁ ଭିଆଇପି ଭାବେ ସ୍ୱୀକୃତି ଦେବେ ତାଙ୍କୁ ସେବକମାନଙ୍କ ମାଧ୍ୟମରେ ଭିଆଇପି ଦର୍ଶନ ସୁବିଧା ଦିଆଯାଉ। ଏହି ଦାବିଗୁଡ଼ିକର ସମାଧାନ ନ ହେବା ପର୍ଯ୍ୟନ୍ତ ପ୍ରଶାସନିକ ଅଧିକାରୀଙ୍କ ସହ ଶାନ୍ତିପୂର୍ଣ୍ଣ ଅସହଯୋଗ ଜାରି ରହିବ ବୋଲି ସେବାୟତମାନେ ଏଥିରେ ଉଲ୍ଲେଖ କରିଛନ୍ତି।

## ଭାଜପା ମହିଳା ମୋର୍ଚ୍ଚା ତରଫରୁ କ୍ୟାଣ୍ଡେଲ ଜାଳି ମୌନ ପ୍ରତିବାଦ


କାର୍ଯ୍ୟକ୍ରମରେ ସାମିଲ ହୋଇଥିବା ମହିଳା ମୋର୍ଚ୍ଚା କର୍ମକର୍ତ୍ତା ଓ ଅନ୍ୟମାନେ।

**ଓଡ଼ଗାଁ, ୨୮।୧୨(ସ୍ୱ.ପ୍ର.)**

ବେବିନା ମୃତ୍ୟୁକୁ ନେଇ ଅଦାଲତଙ୍କ ରାୟ ପରେ ମନ୍ତ୍ରୀ ପ୍ରଦୀପ ମହାରଥୀ ଦେଇଥିବା ବିବାଦୀୟ ମନ୍ତବ୍ୟ ବିରୋଧରେ ସାରା ରାଜ୍ୟରେ ବିଭିନ୍ନ ମହଲରେ ମନ୍ତ୍ରୀଙ୍କ ବହିଷ୍କାର ପ୍ରସଙ୍ଗ ଉଠିଥିଲା। ଏପରିସ୍ଥଳେ ଭାଜପା ରାଜ୍ୟ ମହିଳା ମୋର୍ଚ୍ଚା କାର୍ଯ୍ୟକାରିଣୀ ସଦସ୍ୟା ଇରାନୀ ରାୟଙ୍କ ନେତୃତ୍ୱରେ ଶୁକ୍ରବାର ଓଡଗାଁ ସହର ଉପକଣ୍ଠ ତଥା ସିନେମା ହଲ ଛକ ରାସ୍ତା ପାର୍ଶ୍ୱରେ ଦଳ ତରଫରୁ କ୍ୟାଣ୍ଡେଲ ଜାଳି ମୌନ ପ୍ରତିବାଦ କରାଯାଇଥିଲା। ମହାରଥୀ ମହିଳାଙ୍କ ପ୍ରତି ଦେଇଥିବା ଦାୟିତ୍ୱହୀନ ମନ୍ତବ୍ୟକୁ ଉପସ୍ଥିତ ମହିଳା ଓ ନେତୃବୃନ୍ଦ ତୀବ୍ର ବିରୋଧ କରିବା ସହ ମନ୍ତ୍ରୀଙ୍କ ବହିଷ୍କାର ଦାବି କରିଥିଲେ। ଏଥିରେ ବରିଷ୍ଠ ନେତା ନୃସିଂହ ଚରଣ ରାଉତ, ସାଇ ପ୍ରେମାନନ୍ଦ ପାତ୍ରଙ୍କ ସମେତ କେତେକ ବୁଦ୍ଧିଜୀବୀ ଓ ମହିଳା ସାମିଲ ହୋଇଥିଲେ।

■ ପ୍ରଶାସନିକ ଅବହେଳାରୁ ବିଭ୍ରାଟ

# ସେବାୟତଙ୍କ ଥିଲା ପୁଞ୍ଜୀଭୂତ ଅସନ୍ତୋଷ

**ପୁରୀ ଅଫିସ, ୨୮।୧୨**

ପ୍ରଶାସନିକ ଅବହେଳାରୁ ଶ୍ରୀମନ୍ଦିରରେ ଦେଖାଦେଇଛି ବିଭ୍ରାଟ। ପାଳିଆ ପୁରସ୍କାରକୁ ନେଇ ସେବାୟତମାନେ ଅସନ୍ତୋଷ ଜାହିର କରିଆସୁଥିଲେ। ଏପରି କି ନୂଆବର୍ଷରେ ମନ୍ଦିର ପ୍ରଶାସନକୁ ଅସହଯୋଗ କରିବା ସହ ଶ୍ରୀମନ୍ଦିର କାର୍ଯ୍ୟାଳୟ ଆଗରେ ଧାରଣା ଦେବେ ବୋଲି ନିଷ୍ପତ୍ତି ମଧ୍ୟ ନେଇଥିଲେ। ହେଲେ ତା' ପୂର୍ବରୁ ଗୁରୁବାର ରାତିରେ ଭିତରଚ୍ଛୁ ଭବାନୀ ଶଙ୍କର ମହାପାତ୍ରଙ୍କୁ ପୋଲିସ ମାଡ଼ ମାରିବା ସେବାୟତଙ୍କ ପାଇଁ ସୁଯୋଗ ସୃଷ୍ଟି କରିଥିଲା ବୋଲି କୁହାଯାଉଛି।

ଜଗମୋହନ ମରାମତି ସମୟରେ ପରିମାଣିକ ଟିକେଟ ଦର୍ଶନ ଏବଂ ଭିତର କାଠ ଦର୍ଶନ ବନ୍ଦ ରହିଥିଲା। ଏହି ସମୟରେ ସେବାୟତଙ୍କୁ ଦୁଇଗୁଣା ପାଳିଆ ପୁରସ୍କାର ମିଳୁଥିଲା। ଏଥିସହ ପରିମାଣିକ ଦର୍ଶନ ଓ ପିଣ୍ଡିକାରୁ ଅଂଶଧନ ପାଉଥିବା କିଛି ସେବାୟତ ନିଯୋଗଙ୍କୁ କ୍ଷତିପୂରଣ ବି ଦିଆଯାଉଥିଲା। ହେଲେ ଗତ ଅଗଷ୍ଟ ମାସରୁ ଶ୍ରୀମନ୍ଦିର ପ୍ରଶାସନ ଏହାକୁ ବନ୍ଦ କରି କେବଳ ଗୋଟିଏ ପାଳିଆ ପୁରସ୍କାର ଦେଉଛି। ସେହିପରି ପରିମାଣିକ ଦର୍ଶନ ଓ ପିଣ୍ଡିକାରୁ ଅଂଶଧନ ପାଉଥିବା ସେବାୟତଙ୍କୁ ୫ ମାସ ହେବ କ୍ଷତିପୂରଣ ମିଳୁନାହିଁ। ଅନ୍ୟପକ୍ଷରେ କିଛି ନିଯୋଗର ସେବାୟତ ଗୋଟିଏ ପାଳିଆ ପୁରସ୍କାର ବି ଗ୍ରହଣ କରୁନାହାନ୍ତି। ଯଦି ଦୁଇଗୁଣା ପାଳିଆ ପୁରସ୍କାର ଏବଂ ପରିମାଣିକ ଦର୍ଶନ ଏବଂ ପିଣ୍ଡିକାରୁ ଅଂଶଧନ ପାଉଥିବା ସେବାୟତଙ୍କୁ ଦିଆଯାଉଥିବା କ୍ଷତିପୂରଣ ବନ୍ଦ କରିବାର ଥିଲା ତେବେ ଶ୍ରୀମନ୍ଦିର ପ୍ରଶାସନ ସେବାୟତଙ୍କ ସହ ପୂର୍ବରୁ ଏ ନେଇ ଆଲୋଚନା କରିଥିଲେ ବୋଧହୁଏ ବିବାଦ ସୃଷ୍ଟି ହୋଇ ନ ଥାନ୍ତା। ଶ୍ରୀମନ୍ଦିର ପ୍ରଶାସନର ଏକପାଖିଆ ଏଭଳି ନିଷ୍ପତ୍ତି ସେବାୟତଙ୍କ ମଧ୍ୟରେ ଅସନ୍ତୋଷର କାରଣ ବୋଲି କୁହାଯାଉଛି।

ଅକ୍ଟୋବର ୩ରେ ଧାଡ଼ି ଦର୍ଶନକୁ ନେଇ ପୁରୀରେ ହିଂସା ଘଟିଥିଲା। ଏହି ଘଟଣା ପରେ ପୋଲିସ ଏକ ଶାନ୍ତି କମିଟି ବୈଠକ ଡାକିଥିଲା। ସେତେବେଳେ ଶାନ୍ତି କମିଟିର ସଦସ୍ୟ ଥିବା କେତେଜଣ ସେବାୟତଙ୍କ ନାଁରେ ପରବର୍ତ୍ତୀ ସମୟରେ ପୋଲିସ ସଙ୍ଗିନ ଦଫା ଲଗାଇ ମାମଲା ରୁଜୁ କରିଛି। ଏହାବ୍ୟତୀତ କେତେଜଣ ସେବାୟତଙ୍କୁ ମଧ୍ୟ ଗିରଫ କରିଛି।

ଅନ୍ୟପକ୍ଷରେ ଶ୍ରୀମନ୍ଦିର ପ୍ରଶାସନ ଟିକେଟ ଦର୍ଶନ ଆରମ୍ଭ ହେଲେ ସେବାୟତଙ୍କୁ ସେମାନଙ୍କ ପ୍ରାପ୍ୟ ପାଉଣା ଦେବ ବୋଲି କହୁଛି। ହେଲେ ଏହି ଟିକେଟରୁ ଅଧିକୃତ ସେବାୟତଙ୍କୁ କେତେ ପ୍ରତିଶତ ପ୍ରାପ୍ୟ ଦିଆଯିବ ତାହା ପ୍ରଶାସନ ସ୍ପଷ୍ଟ କରିନାହିଁ। ଏହାକୁ ନେଇ ସେବାୟତ ମଧ୍ୟ ଅସନ୍ତୁଷ୍ଟ ଥିଲେ। ଏହିସବୁ ପୁଞ୍ଜୀଭୂତ ଅସନ୍ତୋଷ ଭିତରଚ୍ଛୁଙ୍କୁ ମାଡ଼ ପରେ ବିସ୍ଫୋରକ ରୂପ ନେଇଥିବା ଚର୍ଚ୍ଚା ହେଉଛି।

### ପୂର୍ବରୁ ଏତେ ସମୟ ଦର୍ଶନ ବନ୍ଦ ହୋଇ ନ ଥିଲା

ଅନେକଥର ସେବାୟତ ସେମାନଙ୍କ ଦାବି ପୂରଣ ପାଇଁ ଶ୍ରୀମନ୍ଦିରରେ ବିଶୃଙ୍ଖଳା କରିଛନ୍ତି। ପ୍ରଶାସନକୁ ଅସହଯୋଗ କରିଛନ୍ତି। ଠାକୁର ଉପବାସ ଓ ଅନିଦ୍ରା ରହିଛନ୍ତି। କେବେ ହେଲେ ଦର୍ଶନ ବନ୍ଦ ହୋଇ ନ ଥିଲା। ଶୁକ୍ରବାର ମହାପ୍ରଭୁଙ୍କ ଦର୍ଶନ ୧୪ ଘଣ୍ଟା ବନ୍ଦ ହେବା ଶ୍ରୀମନ୍ଦିରର କ୍ଷେତ୍ରରେ ପ୍ରଥମ ଘଟଣା ବୋଲି କୁହାଯାଉଛି।

## ରେଲୱେ ପକ୍ଷରୁ ମକଡ୍ରିଲ

**ଜଟଣୀ, ୨୮।୧୨(ଡି.ଏନ.ଏ.)**

ଟ୍ରେନ୍ ଲାଇନଚ୍ୟୁତ ବା ଦୁର୍ଘଟଣାଗ୍ରସ୍ତ ହେଲେ ପରିସ୍ଥିତିର ମୁକାବିଲା ପାଇଁ ଦାୟିତ୍ୱରେ ଥିବା କର୍ମଚାରୀ କେତେଦୂର ପ୍ରସ୍ତୁତ ରହିଛନ୍ତି ସେନେଇ ଖୋର୍ଦ୍ଧାରୋଡ ରେଳ ଡିଭିଜନ ପକ୍ଷରୁ ଶୁକ୍ରବାର ଏକ ମକ୍‌ଡ୍ରିଲ୍ ଆୟୋଜନ କରିଥିଲେ। ଡିଭିଜନ ଅନ୍ତର୍ଗତ ଛତ୍ରପୁର ଷ୍ଟେଶନରେ ଏହା ଅନୁଷ୍ଠିତ ହୋଇଥିଲା। ଏପରି ସ୍ଥିତି ଉପୁଜିଲେ ରେଲୱେ ପକ୍ଷରୁ ସାଇରନ୍ ବଜା ଯାଇଥାଏ। ଫଳରେ ସାଇରନ୍ ଶୁଣି ଦାୟିତ୍ୱରେ ଥିବା କର୍ମଚାରୀମାନେ ତୁରନ୍ତ ଘଟଣାସ୍ଥଳକୁ ଯିବାକୁ ପ୍ରସ୍ତୁତ ହୋଇ ପଡିଥାନ୍ତି। ଶୁକ୍ରବାର ମଧ୍ୟ ପୂର୍ବରୁ କାହାକୁ ଏ ନେଇ ଅବଗତ କରା ନ ଯାଇ ହଠାତ ସାଇରନ ବଜାଯାଇଥିଲା। ଫଳରେ କର୍ମଚାରୀମାନେ ଠିକଣା ସ୍ଥାନରେ ପହଞ୍ଚି ଛତ୍ରପୁର ଅଭିମୁଖେ ଯାଇଥିଲେ। ଏଥିରେ ରେଲୱେର ବିଭିନ୍ନ ବିଭାଗର ଦାୟିତ୍ୱରେ ଥିବା କର୍ମଚାରୀଙ୍କ ସମେତ ଏନଡିଆର୍‌ଏଫ୍, ଓଡ୍ରାଫ୍, ଅଗ୍ନିଶମ ବିଭାଗ, ମେଡିକାଲ ଟିମ୍ ଏଥିରେ ସାମିଲ୍ ହୋଇଥିଲେ। ଦୁର୍ଘଟଣା ସମୟରେ ବିକ୍ଷିପ୍ତ ଭଗ୍ନ ଅଂଶ ସ୍ଥାନାନ୍ତର, ଆହତ ଓ କୋଚ୍‌ରେ ଫସିଥିବା ଯାତ୍ରୀଙ୍କୁ ଉଦ୍ଧାର, ସ୍ୱାସ୍ଥ୍ୟ ସେବା ପ୍ରଦାନ, ଡାକ୍ତରଖାନାକୁ ପଠାଇବା, ଖାଦ୍ୟ ପ୍ରଦାନ, ଯାତ୍ରୀଙ୍କ ଲଗେଜକୁ ସୁରକ୍ଷିତ ରଖିବା ଆଦି ଉପରେ ଏହି ମକ୍‌ଡ୍ରିଲ୍ କରାଯାଇଥିଲା।

## ୩୧ରୁ ସଖାସଂଘ ଫୁଟ୍‌ବଲ ଟୁର୍ନାମେଣ୍ଟ

**ନିରାକାରପୁର,୨୮।୧୨(ଡି.ଏନ.ଏ)**

ଖୋର୍ଦ୍ଧା ଜିଲା ନିରାକାରପୁର ସଖାସଂଘ କ୍ରୀଡ଼ା ସଂସଦ ତରଫରୁ ୨୭ତମ ରାଜ୍ୟସ୍ତରୀୟ ଫୁଟ୍‌ବଲ ଟୁର୍ନାମେଣ୍ଟ ଡିସେମ୍ବର ୩୧ରୁ ନିରାକାରପୁର କଲେଜ ଷ୍ଟାଡିୟମରେ ଆରମ୍ଭ ହେବ। ପ୍ରଥମ ଦିବସର ଉଦ୍‌ଘାଟନୀ ମ୍ୟାଚ୍ ବ୍ରହ୍ମପୁରର ପତିତପାବନ କ୍ଲବ୍ ଓ ନୟାଗଡ଼ର ଖଣ୍ଡପଡ଼ା ସ୍ପୋର୍ଟସ୍ ଆସୋସିଏଶନ ମଧ୍ୟରେ ଅନୁଷ୍ଠିତ ହେବ। । ୨୦୧୯ ଜାନୁୟାରୀ ୨ ରେ ଧର୍ମଶାଳା ଫୁଟବଲ ଏକାଡ଼େମୀ(ଯାଜପୁର) ଓ କିଶୋର କ୍ଲବ୍(ଭୁବନେଶ୍ୱର), ୩ ତାରିଖରେ ସ୍ପୋର୍ଟସ୍ ହଷ୍ଟେଲ (କଟକ) ଓ ୟୁନାଇଟେଡ଼ ସ୍ପୋର୍ଟସ୍ କ୍ଲବ୍(ଭଦ୍ରକ), ୫ ତାରିଖରେ ଜୟଦୁର୍ଗା କ୍ଲବ୍ (ଖୋର୍ଦ୍ଧା) ଓ ଭୁବନେଶ୍ୱରର ବଜରଙ୍ଗବାଲୀ ଫୁଟ୍‌ବଲ ଆସୋସେଏଶନ(ଘାଟିକିଆ) ମଧ୍ୟରେ ଅନୁଷ୍ଠିତ ହେବ। ୭ତାରିଖରେ ପ୍ରଥମ ସେମିଫାଇନାଲ ଅନୁଷ୍ଠିତ ହେବ। ଏହା ଡିସେମ୍ବର ୩୧ର ବିଜେତା ଓ ଜାନୁୟାରୀ ୨ର ବିଜେତା ମଧ୍ୟରେ ହେବ। ୮ ତାରିଖରେ ଦ୍ୱିତୀୟ ସେମିଫାଇନାଲ ଜାନୁୟାରୀ ୩ ତାରିଖର ବିଜେତା ଓ ୫ ତାରିଖ ମ୍ୟାଚ୍‌ର ବିଜେତା ମଧ୍ୟରେ ଅନୁଷ୍ଠିତ ହେବ। ଫାଇନାଲ୍ ଖେଳ ୯ ତାରିଖ ଅର୍ଥାତ୍ ବୁଧବାର ଅନୁଷ୍ଠିତ ହେବ। ପ୍ରତିଦିନ ଖେଳ ଅପରାହ୍ନ ୩ଟାବେଳେ ଆରମ୍ଭ ହେବ। ଜାନୁୟାରୀ ୬ରେ ଏକ ମହିଳା ମ୍ୟାଚ୍ ଅନୁଷ୍ଠିତ ହେବାର କାର୍ଯ୍ୟକ୍ରମ ରହିଛି ବୋଲି କ୍ରୀଡ଼ା ସଂସଦ ପକ୍ଷରୁ ସୂଚନା ମିଳିଛି।

## ମହାବିଦ୍ୟାଳୟର ବାର୍ଷିକ କ୍ରୀଡା ଉଦ୍‌ଯାପିତ



ଜଣେ କୃତୀ କ୍ରୀଡ଼ାବିତ୍‌ଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

**ନିରାକାରପୁର,୨୮।୧୨(ଡି.ଏନ.ଏ.)**

ଖୋର୍ଦ୍ଧା ଜିଲା ନିରାକାରପୁର ପଞ୍ଚାୟତସ୍ଥ କ୍ଷେତ୍ରବାସୀ ମହାବିଦ୍ୟାଳୟର ୩ଦିନବ୍ୟାପୀ ବାର୍ଷିକ କ୍ରୀଡା ଉତ୍ସବ ଶୁକ୍ରବାର ଉଦ୍‌ଯାପିତ ହୋଇଯାଇଛି। ମାଉଣ୍ଟ ଏଭେରେଷ୍ଟ ଆରୋହୀ ଗଣେଶ ଚନ୍ଦ୍ର ଜେନା ମୁଖ୍ୟଅତିଥି ଓ ଅଲିମ୍ପିକ୍ କ୍ରୀଡା ପ୍ରତିଯୋଗୀ ପ୍ରମୋଦ ଭଗତ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ । ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରଫେସର ଅଶୋକ କୁମାର ବଳବନ୍ତରାୟ ଏଥିରେ ପୌରୋହିତ୍ୟ କରିଥିବାବେଳେ କ୍ରୀଡା ସଂସଦ ଉପସଭାପତି ସନ୍ତୋଷ କୁମାର ପଣ୍ଡା ସ୍ୱାଗତ ଭାଷଣ କରିଥିଲେ । ଅଧ୍ୟାପକ ହରପ୍ରସନ୍ନ ତ୍ରିପାଠୀ ମଞ୍ଚ ପରିଚାଳନାରେ କରିଥିଲେ। କ୍ରୀଡା ପରିଚାଳକ ରାଜକିଶୋର ଦାସ ଓ ଓମ୍ ପ୍ରକାଶ ମିଶ୍ରଙ୍କୁ ଏ ଅବସରରେ ସମ୍ବର୍ଦ୍ଧିତ କରାଯାଇଥିଲା। ଜ୍ଞାନଦୀପ ସ୍ୱାଇଁ, ଯାଜ୍ଞସେନୀ ପାହାଡ଼ସିଂହ, ସୁଶାନ୍ତ କୁମାର ସ୍ୱାଇଁ ଓ ସୁଜାତା ଦାଶ ପ୍ରମୁଖ ବିଭିନ୍ନ ବର୍ଗରେ ଚାମ୍ପିୟନ ହୋଇଥିଲେ। ଅଧ୍ୟାପିକା ନମିତା ମହାନ୍ତି, ସୌରଭ ମହାପାତ୍ର, ମାନସ ରଞ୍ଜନ ମହାନ୍ତି, ପ୍ରସନ୍ନ କୁମାର ନାୟକ ଓ କ୍ରୀଡ଼ା ପ୍ରଶିକ୍ଷକ ମନୋଜ କୁମାର ବାରିକ ପ୍ରମୁଖ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ । ଅଧ୍ୟାପିକା ଡ. ଅନୁଜା ମିଶ୍ର ଧନ୍ୟବାଦ ପ୍ରଦାନ କରିଥିଲେ।

■ ଦଶପଲ୍ଲା ନିର୍ବାଚନମଣ୍ଡଳୀ

# ବଢୁଛି ଆଶାୟୀ ପ୍ରାର୍ଥୀଙ୍କ ସଂଖ୍ୟା

**ନୂଆଗାଁ,୨୮।୧୨(ଡି.ଏନ.ଏ.)**

୨୦୧୯ ନିର୍ବାଚନ ଆଉ କିଛି ମାସ ବାକି ଥିବା ବେଳେ ଦଶପଲ୍ଲା ନିର୍ବାଚନ ମଣ୍ଡଳୀରେ ବର୍ତ୍ତମାନଠାରୁ ରାଜନୈତିକ ସରଗରମ ଦେଖିବାକୁ ମିଳୁଛି । ବିଭିନ୍ନ ଦଳର ପ୍ରାର୍ଥୀମାନେ ନିର୍ବାଚନ ରଣକ୍ଷେତ୍ରକୁ ଓହ୍ଲାଇବା ପାଇଁ ନିଜକୁ ପ୍ରସ୍ତୁତ କରିବାରେ ଲାଗି ପଡିଛନ୍ତି। କିଏ କେଉଁ ଦଳରୁ ପ୍ରାର୍ଥୀ ହେବା ପାଇଁ ଟିକେଟ ପାଇବ ସେନେଇ ସମସ୍ତେ ସନ୍ଦେହରେ ଥିବା ବେଳେ ବିଜୁ ଜନତା ଦଳରୁ ପ୍ରାର୍ଥୀ ହେବା ପାଇଁ ବହୁ ଆଶାୟୀ ରହିଛନ୍ତି। ୨୦୦୪ ମସିହାରେ ରୁଦ୍ରମାଧବ ରାୟ ସ୍ୱାଧୀନ ପ୍ରାର୍ଥୀ ଭାବେ ବିଜୟୀ ହୋଇ ବିଧାୟକ ହୋଇଥିବା ବେଳେ ୨୦୦୯ ମସିହାଠାରୁ ବିଜୁ ଜନତା ଦଳ ସୁଦୃଢ ହୋଇଛି। କଂଗ୍ରେସ ପ୍ରାର୍ଥୀ ଲେକ୍ଟର ବୁଲିଅନଙ୍କୁ ହରାଇ ବିଜେଡି ବିଧାୟକ ପ୍ରାର୍ଥୀ କାଶିନାଥ ମଲିକ ୫୯.୨୮ ପ୍ରତିଶତ ଭୋଟ ପାଇ ଜୟଯୁକ୍ତ ହୋଇଥିଲେ । ସେହିପରି ୨୦୧୪ ନିର୍ବାଚନରେ ବିଜୁ ଜନତା ଦଳ ନିଜର ଦୃଢତା ବଜାୟ ରଖିବା ସହ ୬୫.୪୬ ପ୍ରତିଶତ ଭୋଟପାଇ ପୂର୍ଣ୍ଣଚନ୍ଦ୍ର ନାୟକ ବିଧାୟକ ଆସନ ହାସଲ କରିଥିଲେ । ୨୦୧୪ ନିର୍ବାଚନରେ ବିଜେଡିର ନିକଟତମ ପ୍ରତିଦ୍ୱନ୍ଦୀ କଂଗ୍ରେସ ପ୍ରାର୍ଥୀ ଇନ୍ଦୁମତି ନାୟକ ସତ୍ତ୍ୱା ହରାଇଥିଲେ। ଫଳରେ କଂଗ୍ରେସ ଦଳର ବହୁ ଆଗ ଧାଡିର କର୍ମୀ ବିଜୁ ଜନତା ଦଳରେ ଯୋଗ ଦେଇଥିଲେ । ଆସନ୍ତା ନିର୍ବାଚନରେ ବିଜୁ ଜନତା ଦଳ ବିଜୟୀ ହେବା ଆଶା କରି ବହୁ ନେତା ଉକ୍ତ ଦଳର ପ୍ରାର୍ଥୀଭାବେ ଟିକେଟ ଆଶାୟୀ ଥିବାଜଣା ପଡୁଛି

### ସେମାନେ କୁହନ୍ତି


"ଗତ ନିର୍ବାଚନରେ ମୁଁ ବିଜେଡିରୁ ଟିକେଟ ପାଇ ପ୍ରାର୍ଥୀ ହେବା ପାଇଁ ଲବି କରିଥିଲି । କିନ୍ତୁ କୌଣସି କାରଣରୁ ମୋତେ ଟିକେଟ ନ ମିଳିବାରୁ ମୁଁ କଂଗ୍ରେସ ଦଳରୁ ଲଢିଥିଲି ଏବଂ ବିଜେଡିଠାରୁ କମ୍ ଭୋଟରେ ହାରିଥିଲି । ୨୦୦୭ ମସିହାରେ ମୁଁ ବ୍ଲକ ଚେୟାରମ୍ୟାନ ଥିବା ଯୋଗୁଁ ମୋର ଲୋକ ସମ୍ପର୍କ ଭଲ ଅଛି ଏବଂ ଏହି ନିର୍ବାଚନରେ ଦଶପଲ୍ଲା ନିର୍ବାଚନ ମଣ୍ଡଳୀ ମହିଳା ସିଟ୍ ହେବାର ଥିବାରୁ ମୁଁ ବିଜେଡିରୁ ଟିକେଟ ପାଇଁ ଆଶା କରୁଛି।

**ଇନ୍ଦୁମତୀ ନାୟକ, ପୂର୍ବତନ ବ୍ଲକ ଅଧ୍ୟକ୍ଷ**


"ମୁଁ ଅନେକ ଦିନରୁ ବିଜେଡିରେ ଅଛି । ତେଣୁ ଯଦି ଆସନ୍ତା ନିର୍ବାଚନରେ ଦଶପଲ୍ଲା ଆସନ ମହିଳାଙ୍କ ପାଇଁ ସଂରକ୍ଷିତ ହୁଏ ମୁଁ ନିଶ୍ଚିତ ଟିକେଟ ପାଇଁ ଆଶା କରିବି ।

**ମାମି ନାୟକ , ପୂର୍ବତନ ସମିତି ସଭ୍ୟ**


"ନିର୍ବାଚନ ହେବାକୁ ଯାଉଛି ମାନେ ଅନେକ ଦଳୀୟ ଟିକେଟ ଆଶାୟୀ ପ୍ରାର୍ଥୀ ବାହାରିବେ । କିନ୍ତୁ ଦଳର ମୁଖିଆ ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଆଶାୟୀଙ୍କ ଲୋକ ସମ୍ପର୍କ ଓ କାର୍ଯ୍ୟ ଦକ୍ଷତାକୁ ତର୍ଜମା କରିବା ପରେ ଯାହାକୁ ଉପଯୁକ୍ତ ବିବେଚନା କରିବେ ତାକୁହିଁ ଟିକେଟ ଦେବେ ।

**ପୂର୍ଣ୍ଣଚନ୍ଦ୍ର ନାୟକ , ବିଧାୟକ , ଦଶପଲ୍ଲା**